Split by PDF Splitter

REGISTERED NO. 18

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୯ | ତା୧୬ରିଖ ଉତ୍ସମ୍ବର ସନ୧୮୭୪ମସିହା ।ମ୍। ମାର୍ଚ୍ଚରି ତା୧୯ ସନ୧୮୮୨ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪ଙ୍କା
ସଂଖ୍ୟା ୧୪ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
| | ମଫସଲ ପାଇଁ ଡାକମାସୁଲ ୫୶

ଲେଫ୍‌ଟେନେଣ୍ଟଗବର୍ଣ୍ଣର ସାହେବଙ୍କୁ ଦେଖିବା ପାଇଁ ଅନୁଗୁଳ ଢାଙ୍କି ଓ ବଡ଼ମାଳର ଜ ୩୦ ଣ ପ୍ରଧାନ ନରବଗ୍ରହାର ଏବଂ କେତେକ ପାଣ ସରଦାର ଏଠାକୁ ଆସିଥିଲେ । ସାହେବ ମହୋଦୟ ସେମାନଙ୍କୁ ଦେଖି ସରକାରି ବ୍ୟୟରେ ଶିରୋପା ଦେଲେ । ପ୍ରଧାନ ନରବରକାର-ମାନେ ଜଣକେ ୫* ଙ୍କା ମୂଲ୍ୟର ମାଣିଅବନ୍ଧ ଯୋଡି ଓ ପାଣ ସରଦାର ମୋଟଯୋଡ଼ ଚାଦର ଓ ଲାଲପାଗ ଓ କେତେ ଲାଲବନାତ ପାଇ-ଅଛନ୍ତି ଏଥିର ମୋଟ ବ୍ୟୟ ୫୬୦ଙ୍କା ଅଟଇ। ଶିରୋପା ପ୍ରଥା ଗଡ଼ଜାତରେ ବିଶେଷ ପ୍ରଚଳ ଓ ତହିଁରେ ଗଡ଼ଜଙ୍କି ବୃଦ୍ଧି ହୁଅଇ ବୋଧ ହୁଏ ସେହୁ ହେତୁ ତହିଁର ଅନୁକରଣ କରାଯାଇ-ଅଛି ।

---

ଚଳିତ ବର୍ଷର ବିଶ୍ୱବିଦ୍ୟାଳୟର ଫାଷ୍ଟ୍‌ଆର୍ଟସ୍ ଓ ପ୍ରବେଶିକା ପରୀକ୍ଷା ଗତ ସପ୍ତାହରେ ଶେଷ ହୋଇଅଛି । ଓଡ଼ିଶାରେ ନିମ୍ନଲିଖିତ ତାଲିକାନୁସାରେ ପରୀକ୍ଷା ଦେବା ପାଇଁ ଛାତ୍ରମାନେ ଉପସ୍ଥିତ ହୋଇଥିଲେ ଯଥା ;—

ଫାଷ୍ଟ୍‌ଆର୍ଟସ୍ ପରୀକ୍ଷା ।

| | |
|---|---|
| କଟକ ହାଇସ୍କୁଲ | ଜ ୨୯ ଣ ଛାତ୍ର |

ପ୍ରବେଶିକା ପରୀକ୍ଷା ।

| | |
|---|---|
| କଟକ ହାଇସ୍କୁଲ | ଜ ୧୫ ଣ ଛାତ୍ର |
| ବାଲେଶ୍ୱର ସ୍କୁଲ | ଜ ୬ ଣ „ |
| ପୁରୀ „ | ଜ ୨ ଣ „ |
| ଖୋରଧାର ଶିକ୍ଷକ | ଜ ୧ ଣ ଛାତ୍ର |

ଏରୂପେ ଉଭୟ ପରୀକ୍ଷାରେ ସର୍ବସୁଦ୍ଧା ୩୧ ଜଣ ଅଥବା କେବଳ ଛାତ୍ର ୩୦ ଜଣ ଉପସ୍ଥିତ ହୋଇଥିଲେ । ଏଥି ମଧ୍ୟରୁ କେତେଜଣ ସଫଳ ହେବେ ଏକମାସ ଉତ୍ତାରୁ ପ୍ରକାଶ ପାଇବ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଫାଷ୍ଟ୍ ଆର୍ଟସ୍ ପରୀକ୍ଷାରେ ଉପସ୍ଥିତ ହୋଇଥିବା ଛାତ୍ର-ମାନେ ଉତ୍ତୀର୍ଣ୍ଣ ହେଉନ୍ତୁ ତାହା ହେଲେ କଟକ ହାଇସ୍କୁଲଟି ଶୀଘ୍ର କଲେଜ ହୋଇ ଓଡ଼ିଶାର ଅଶେଷ ମଙ୍ଗଳ ସାଧନ କରିବ ।

---

ବମ୍ବେଇରେ ମେରଜର ରାଜା ମରଯାଇଅଛନ୍ତି । ଟାଇମ୍ସ ଅବ୍ ଇଣ୍ଡିଆର ଜଣେ ପତ୍ରପ୍ରେରକ ତାହାଙ୍କ ବିଷୟରେ ଏହିରୂପ ଲେଖି ଅଛନ୍ତି କି ତାତ୍ୟା ସାହେବ ଦକ୍ଷିଣ ମହାରାଷ୍ଟ୍ର ପ୍ରଦେଶରେ ଜଣେ ସାଧାରଣଙ୍କର ଆନନ୍ଦଦାୟକ ରାଜା ଥିଲେ । ସନ ୧୮୭୧ ମସିହା ଅକ୍ଟୋବର ମାସରେ ସେ ରାଜ୍ୟଭାର ଗ୍ରହଣ କଲେ ଏବଂ ବିଶେଷ ଯୋଗ୍ୟତା ଓ ସୁଫଳ ସହିତ ସେ ଛଅ ବର୍ଷ ରାଜ୍ୟ ଚଳାଇଲେ । ରାଜ୍ୟରେ ଯେତେ ନିମ୍ନବେତନର ଚାକର ଥିଲେ ( ଏହାଙ୍କ ସଂଖ୍ୟା ୨୦୦ ହେବ ) ତାହାଙ୍କର ବେତନ ବଢାଇ ଦେଲେ, ଟାକ୍‌ସ ଉଣା କଲେ ତଥାଚ ପ୍ରାୟ ୫ ଲକ୍ଷ ଟଙ୍କା ନଗଦ ରଖି ଯାଇଅଛନ୍ତି । କେତେକ ଦିନ ସେ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ ମାତ୍ର ଉକ୍ତ କର୍ମ ସବାଶେ ସେ ଉପଯୁକ୍ତ ନୁହନ୍ତି ଏହି ତାହାଙ୍କର ବିଶ୍ୱାସ ଥିଲା । ପତ୍ରପ୍ରେରକ ଉକ୍ତ ଉଚ୍ଚମର୍ଯ୍ୟାଦା ପାଇଁ ତାହାଙ୍କୁ ସମାଦର ସମ୍ଭାଷଣ କରିବାରେ ସେ ଉତ୍ତର କଲେ ଯେ " ସତ୍ୟ କଥା ମାତ୍ର ଆମ୍ଭେ କିରୂପେ କାର୍ଯ୍ୟ କରିବାକୁ ସକ୍ଷମ ହେବୁଁ । " କର୍ମର ଉପଯୁକ୍ତ ନୁହନ୍ତି ବୋଲି ତାହାଙ୍କର ହୃଦବୋଧ ହେବାରୁ ସେ ଉକ୍ତ ମର୍ଯ୍ୟାଦା ତ୍ୟାଗ କଲେ । ତାହାଙ୍କର କୌଣସି ବିଶେଷ ଉଜ୍ଜ୍ୱଳ ଗୁଣ ନ ଥିଲା ମାତ୍ର ପ୍ରକୃତ ଯୋଗ୍ୟତାର ଅଭାବ ନ ଥିଲା । ସେ ଗମ୍ଭୀର ଓ ବିବେଚକ ଥିଲେ ଓ ତାହାଙ୍କର ମନ ଦୃଢ଼ ଓ ଅନ୍ତଃକରଣ ଦୟାଳୁ ଥିଲା ।

ତାତ୍ୟା ସାହେବଙ୍କ ଉପରଲିଖିତ ପରିଚୟ ଦେବାର ତାତ୍ପର୍ଯ୍ୟ ଏହି ଯେ ଏଠା ରାଜା ଓ ପ୍ରଧାନ ବ୍ୟକ୍ତିମାନେ ତହିଁର ଅନୁକରଣ କରିବେ ଏବଂ ଯେ ବ୍ୟକ୍ତି ଯେଉଁ କାର୍ଯ୍ୟର ଉପଯୁକ୍ତ ନୁହଇ ସେ ତାହା ଆପେ ଜାଣିବାକୁ ଚେଷ୍ଟା କରି ତହିଁରୁ ରହିତ ହେବ ।

---

ବାବୁ ବନମାଳୀ ସିଂହ ଅନୁଗୁଳ ତହସିଲ-ଦାରୀ କର୍ମରେ ଇସ୍ତଫା ଦେଇ ପୁନର୍ବାର ଢେଙ୍କାନାଳ ମହାରାଜାଙ୍କର ଦେୱାନ ହୋଇଅଛନ୍ତି । ମହାରାଜା ବନମାଳି ବାବୁଙ୍କ କର୍ମରେ ଏମନ୍ତ ସନ୍ତୁଷ୍ଟ ହୋଇଥିଲେ ଯେ ତାହାଙ୍କର ସାହାଯ୍ୟ ବିନା ରାଜ୍ୟଭାର ଚଳାଇବାକୁ ବଡ଼ କ୍ଲେଶକର ଜ୍ଞାନ କଲେ, ଏଥି ପାଇଁ ସେ

Digitized by srujanika@gmail.com

Split by PDF Splitter



କମିଶନର ସାହେବଙ୍କଠାରେ ପ୍ରାର୍ଥୀ ହୋଇ ବାବୁଙ୍କୁ ଅପଣା ପାଖରୁ ଘେନି ଗଲେ । ଏଥର କମିଶନର ସାହେବଙ୍କ ସାକ୍ଷାତରେ ବାବୁଙ୍କର ବେତନାଦି ବନ୍ଦୋବସ୍ତ କରି ମହାରାଜା ଘେନି ଯାଉଅଛନ୍ତି ଓ ଏମନ୍ତ ଅଙ୍ଗୀକାର ହୋଇ ଅଛନ୍ତି ଯେ କମିଶନର ସାହେବଙ୍କ କଚେରୀରେ ବନମାଳି ବାବୁଙ୍କ ଅନାଚରଣ ପ୍ରମାଣ ନ ହେଲେ ମହାରାଜା କିମ୍ବା ତାହାଙ୍କର ଉତ୍ତରାଧିକାରିମାନେ କେହି ବାବୁଙ୍କୁ କର୍ମରୁ ବାହାର କରି ଦେଇ ପାରିବେ ନାହିଁ । ବାବୁଙ୍କର ବେତନ ମାସିକ ଟ ୧୫୦ ଙ୍କା ହୋଇଅଛି ଏପର ନଗଦ ଟ ୨୨୦୦ ଙ୍କା ବାବୁଙ୍କୁ ମହାରାଜା ଦାନ କରିବେ ଯେ ତହିଁର ସୁଧ ମାସକୁ ଟ ୭୫ ଙ୍କା ହେବ । ବାବୁ କର୍ମରେ ଥିବା ପର୍ଯ୍ୟନ୍ତ ବେତନ ଭୋଗ କରିବେ ସେ ଓ ତାହାଙ୍କ ଉତ୍ତରାଧିକାରୀମାନେ ଚିରକାଲ ସକାଶେ ଦତ୍ତଟଙ୍କା ଭୋଗ କରିବେ ତହିଁରେ ମହାରାଜାଙ୍କର କୌଣସି ଦାବି ନ ରହିବ । ସରକାରୀ କର୍ମରୁ ଛୁଟି ନେବାକୁ ମହାରାଜା ଏରୂପ ବୃତ୍ତି ଦାନ କରିଅଛନ୍ତି । ଉପଯୁକ୍ତ ବେତନ ନ ଦେଲେ ଭଲ ଲୋକର ମିଳିବାର କଦାଚ ସମ୍ଭବ ନୁହଇ । ଓ ମହାରାଜା ଉପରଲିଖିତ ବନ୍ଦୋବସ୍ତରେ ବନମାଳୀ ବାବୁଙ୍କୁ ଘେନିବାରେ ସେ ଧନଠାରୁ ଗୁଣକୁ ଅଧିକ ପ୍ରିୟ ବୋଲି ମଣିବାର ଅତି ଗୋଟିଏ ପରିଚୟ ଦେଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଅନ୍ୟାନ୍ୟ ରାଜାମାନେ ଢେଙ୍କାନାଲ ମହାରାଜାଙ୍କ ଅନୁକରଣ କରି ଅପଣା ଅପଣା ରାଜ୍ୟରେ ଉପଯୁକ୍ତ ମନ୍ତ୍ରୀ ନିଯୁକ୍ତ କରନ୍ତୁ ।

---

ତଳଲିଖିତ ଧନ୍ୟବାଦପତ୍ରମାନ ପ୍ରକାଶ କରିବା ନିମନ୍ତେ ଅମ୍ଭେମାନେ ପ୍ରାପ୍ତ ହୋଇଅଛୁଁ ।

କଟକନଗରର ସକଳ ନିବାସି ସମୀପେଷୁ ।

**ମହାଶୟଗଣ !**

ଅମ୍ଭେ ଅତି ଆନନ୍ଦରେ ଜଣାଉଅଛି ଯେ ତୁମ୍ଭେମାନେ ଯେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବଙ୍କର ଅକପଟ ଅଭ୍ୟର୍ଥନା କରିଥିଲ ତନିମିତ୍ତ ସେ ତୁମ୍ଭମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ଏଥି ସମ୍ବନ୍ଧପତ୍ର ଦ୍ୱାରା ମାନ୍ୟବରସାହେବ ତୁମ୍ଭମାନଙ୍କର ଅନ୍ତରିକ ଓ ରାଜଭକ୍ତିପୂର୍ଣ୍ଣ ସମ୍ମାନରେ ଅତି ସନ୍ତୁଷ୍ଟ ହୋଇଥିବା ବିଷୟ ସ୍ୱ ନିକଟରେ ପୁନଃ ପ୍ରକାଶ କରୁଅଛନ୍ତି ଏବଂ ତୁମ୍ଭମାନଙ୍କ ପରିପାଟି ଓ ସୁନ୍ଦର ରୋଷନାଇର ପ୍ରଶଂସା କରୁଅଛନ୍ତି ।

ଅମ୍ଭ ଉପରେ ଯେ ଗୁରୁତର କାର୍ଯ୍ୟ ପଡ଼ିଥିଲା ତାହା ତୁମ୍ଭମାନଙ୍କ ସାହାଯ୍ୟରେ ନିର୍ବିଘ୍ନରେ ସମ୍ପାଦନ କରିବାକୁ ପାରଗ ହୋଇଅଛୁଁ ଓ ତନ୍ନିମିତ୍ତ ତୁମ୍ଭମାନଙ୍କୁ ଧନ୍ୟବାଦ ଦେଇ ଅମ୍ଭେ ଅହ୍ଲାଦପୂର୍ବକ ଜାଣୁଅଛୁଁ ଯେ ସାହେବ ମହୋଦୟଙ୍କର କଟକ ନିବାସିମାନଙ୍କଦ୍ୱାରା ଯେପରି ସମ୍ମାନ ହୋଇଅଛି ସେପରି ତାଙ୍କର ସୁବିସ୍ତୀର୍ଣ୍ଣ ଏଲାକାର କୌଣସି ନଗରରେ ହୋଇ ନାହିଁ ।

| | |
|---|---|
| କଟକ ତା ୩୦ ରିଖ<br>ନମ୍ବର ସନ୧୮୭୪ | ଜନ ବମ୍ସ<br>ମେଜିଷ୍ଟ୍ରର ଓ କଲେକ୍ଟର ଜିଲ୍ଲା କଟକ |

ନକଲ

ଚିଠୀ ସାହେବ କମିଶ୍ନର ବନାମ ସାହେବ କଲେକ୍ଟର ଜିଲେ କଟକ ଲେଖିତ ତା ୨୦ ରିଖ ନବମ୍ବର ସନ ୧୮୭୪ ସାଲ ନ ୫୪୯ ମ୍ବର

ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବଙ୍କ ଆଦେଶାନୁସାରେ ଅମ୍ଭେ ତୁମ୍ଭକୁ ଓ ତୁମ୍ଭର କର୍ମଚାରୀମାନଙ୍କୁ ଏବଂ ମିଉନିସିପାଲିଟି ଓ କଟକର ନିବାସିମାନଙ୍କୁ ତାଙ୍କର ଆନ୍ତରିକ ଧନ୍ୟବାଦ ଜଣାଉଅଛୁଁ ଯେହେତୁ ସେମାନେ ତାଙ୍କର ଏ ନଗର ପ୍ରବେଶକୁ ଅତି ସୁଶୋଭରୂପେ ପ୍ରସିଦ୍ଧ ଓ ଖ୍ୟାତ କରାଇଅଛନ୍ତି ।

ଅଭ୍ୟର୍ଥନାରେ ଜନସାଧାରଣଙ୍କର ଆନନ୍ଦ ଗବର୍ଣ୍ଣର ସାହେବ ମହୋଦୟ ନିଶ୍ଚୟ ବୁଝିଅଛନ୍ତି ଯେ ଶାସନ କାର୍ଯ୍ୟ ଯେପରି ସ୍ଥାନୀୟ କର୍ମଚାରୀମାନେ ଚଳାଉଅଛନ୍ତି, ତାହା ଲୋକମାନଙ୍କର ସନ୍ତୋଷଜନକ ଅଟଇ ଓ ତହିଁରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ସେମାନଙ୍କର ରାଜଭକ୍ତି ଦୃଢ଼ୀଭୂତ ହୋଇଅଛି ।

---

ଅମ୍ଭମାନଙ୍କର ଯାଜପୁରର ସଂବାଦଦାତା ଲେଖିଅଛନ୍ତି ଯଥା "ଶ୍ରୀମହାମାନ୍ୟ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବଙ୍କ ଆଗମନରେ ଯାଜପୁର ସଦରବାସୀ ଓ ଏ ଅଞ୍ଚଳ ନିବାସିଙ୍କ ପକ୍ଷରେ ଏକ ଉପକାର ଦର୍ଶିଅଛି ଅର୍ଥାତ୍ ସାହେବ ମହୋଦୟ ଗୁଦବାଲି ମୁକାମରେ ବିରାଜମାନ ହୋଇ ସେ ସ୍ଥାନ ଉତ୍ତମ ଥିବା ଓ ସେଠାରେ ସରକାରଙ୍କ ତରଫରୁ ଗୋଦାମଘରଇତ୍ୟାଦି ତିଆର ହେବାର ପ୍ରସ୍ତାବ କରି କଲିକତାଓଗେର ମହାଜନମାନେ ଏ ପ୍ରଦେଶରୁ ଚାଉଳ ଖରିଦ କରି ନେଇ ଗୁଦବାଲି ମୁକାମରେ ବସ୍ତାମାନ ରଖିଥିଲେ ତାହାସବୁ ଜାହାଜରେ ଉଠାଣା କରିବାକୁ ନିଷେଧ କଲେ ଓ ମହାଜନମାନଙ୍କୁ ଆଜ୍ଞା ଦେଲେ ଅପଣା ଚାଉଳବସ୍ତା ଦୁଇ ସପ୍ତାହ ମିଆଦରେ ଉଠାଇ ନେବେ ନ ନେଲେ ସରକାର ତରଫରୁ ନିଲାମ ହେବ. ଏପରି ଆଜ୍ଞା ହେବାରୁ ମାହାଜନମାନେ କାତର ଓ ଏଠା ମୁଟିଆମାନେ ନିରୁତ୍ସାହ ହୋଇ ରହିଅଛନ୍ତି ମହାଜନମାନଙ୍କ ହେତୁ ଗିରନ ଅବସ୍ଥା ଥିଲା ଅଏନାକୁ ଶସ୍ତା ହେବାର ଆଶା ହୋଇଅଛି ଗତ ସପ୍ତାହ ପ୍ରତି ବର୍ତ୍ତମାନ ଫି ଟଙ୍କାରେ ଚାଉଳ ସେ ୨ ର ହିସାବ ବଢ଼ିଅଛି ଆଗକୁ ଅଦ୍ଧର ଅଧିକ ହେବାର ସମ୍ଭବ । ଏ ଯାଜପୁର ସଦର ନିବାସି ମଙ୍ଗଳଜନମାନେ ନାଓ୍ୱାରିସିବାଳିକାମାନ ରଖିଥିବାରୁ ପୁଲିସ ଲକ୍ଷଣ ଅନୁସାରେ ଅସିଷ୍ଟାଣ୍ଟ ମେଜିଷ୍ଟ୍ରରସାହେବଙ୍କ ହଜୁରରେ ପିନଲ କୋଡ ଅଇନର ଦ ୧୭୩ ଫା ମୁତାବକ ମକଦମା ହାଏର ଓ ବିଚାର ହେଉଅଛି ଯେ ନିସ୍ପତ୍ତି ହେବ ପଶ୍ଚାତ୍ ଜଣାଇବୁଁ ବର୍ଷା ବିଶେଷ ହେବାରେ ଲୋକମାନେ କ୍ଳେଶିତ ଥିଲେ ବର୍ତ୍ତମାନ ଏକାବେଳକେ ବର୍ଷା ବନ୍ଦ ହେବାରୁ କୃଷିକାରମାନେ ଆନନ୍ଦରେ ଧାନଫସଲମାନ ଅମଳ କରୁଅଛନ୍ତି ତମାଖୁ ଓ ଆଖୁ ଫସଲ ଲଗାଇବାରେ ମଗ୍ନ ଅଛନ୍ତି ଏବଂ ବିଶେଷ ଶୀତ ହେବାରୁ ଗରିବମାନେ ଦୁଃଖିତ ଅଛନ୍ତି ଅଉସବୁ କଥା ଉତ୍ତମ ଅଛି ।"

ବାଣିଜ୍ୟ ଉପରେ ହସ୍ତକ୍ଷେପଣ କରିବା ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟର ବିପରୀତ ଅଟଇ ତେବେ କିପରି ଗୁଦବାଲି ମହାଜନଙ୍କ ପକ୍ଷରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଉପର ଲିଖିତ ଆଜ୍ଞା ଦେଲେ ଅମ୍ଭେମାନେ ବୁଝିପାରୁ ନାହୁଁ । ଅନୁମାନ ହୁଅଇ ପତ୍ରପ୍ରେରକ କୌଣସି ଭ୍ରମରେ ପଡ଼ିଥିବେ ଓ ମହାଜନମାନେ ବର୍ତ୍ତମାନ ଯେଉଁ ସ୍ଥାନରେ ଗୋଦାମ କରିଅଛନ୍ତି ସେହି ସ୍ଥାନରେ ସରକାରୀ ଗୋଦାମ କରିବାର ମନୋନୀତ ହୋଇଥିବ ବୋଲି ମହାଜନମାନଙ୍କୁ ଗୋଦାମ ଉଠାଇ ନେବାର ଆଜ୍ଞା ହୋଇଥିବ । ଏଭିନ୍ନ ଅଉ କିଛି ସମ୍ଭବକୁ ଆସୁ ନାହିଁ ।

---

ଇନ୍‌କମ୍‌ଟାକ୍ସପ୍ରବାଦ ।

ଏରୂପ ପ୍ରବାଦ ଅଛି ଯେ ଟାକ୍ସ ହେବାରୁ କେହି ମୁକ୍ତ ପାନ୍ତି ନାହିଁ ଓ ଭବିଷ୍ୟତେ ଲୋକମାନେ ଟାକ୍ସ ହେବାର ଆବଶ୍ୟକତା ଉତ୍ତମରୂପେ ହୃଦୟଙ୍ଗମ କରିବାକୁ ସକ୍ଷମ ଥିଲେ ସୁଦ୍ଧା [illegible] ଟାକ୍ସ ହେବାକୁ ଅନିଚ୍ଛା ପ୍ରକାଶ କ[illegible] ଏ ସ୍ଥଳେ ଅସମ୍ଭବେହେତୁ ଲୋକ-

Digitized by srujanika@gmail.com

Split by PDF Splitter



ମାନେ ଯେ ଚୌକିଦାରୀ ଟିକସ ଦେବାକୁ ଅକ୍ଷମ ହେବେ ଏ ବଡ଼ ଆଶ୍ଚର୍ଯ୍ୟ କଥା ମାତ୍ର ବର୍ତ୍ତମାନ ଓଡ଼ିଶା ପ୍ରଦେଶ ଅନ୍ତର୍ଗତ ଏକ ଅସଭ୍ୟ ଜାତିର ଲୋକମାନେ ଚୌକିଦାରୀ ଟିକସ ଦେବାକୁ ଗବର୍ଣ୍ଣମେଣ୍ଟଙ୍କଠାରେ ପ୍ରାର୍ଥନା କରିବାରୁ ଆମ୍ଭେମାନେ ବିସ୍ମିତ ହୋଇ ଅନୁମାନ କରୁଅଛୁଁ ଯେ ଏହା ସମୟର ଗୁଣ ଅନ୍ୟ କିଛି ନୁହଇ । ଉତ୍କଳଗତ ଗଡ଼ଜାତରେ ଟିକସର ପ୍ରସ୍ତାବ ଏତେ ଅଧିକ ଘଟିଅଛି ଯେ ଏଣିକି ପଶୁପକ୍ଷିମାନେ ଟିକସ ଦେବାକୁ ଅଭିଳାଷ ପ୍ରକାଶ କଲେ ବୋଧ ହୁଅଇ ବିଚିତ୍ର ମଣିବାର କୌଣସି କାରଣ ନ ଥିବ । ଓଡ଼ିଶା କନ୍ଧମାନଙ୍କର ଅବସ୍ଥାକୁ ଲକ୍ଷ କରି ଆମ୍ଭେମାନେ ଏ କଥା ଲେଖିଲୁ ସେଠା ଲୋକମାନେ ଟିକସ ଦେବାକୁ ଯେମନ୍ତ ଇଚ୍ଛୁକ ହୋଇଅଛନ୍ତି ତାହା ଗତମାସର ଇଣ୍ଡିଆ ଗେଜେଟରେ ପ୍ରକାଶିତ ଏଠା ଗଡ଼ଜାତ ସୁପ୍ରିଣ୍ଟଙ୍କ ରିପୋର୍ଟ ଓ ତହିଁ ସମ୍ପର୍କୀୟ ଅନ୍ୟାନ୍ୟ କାଗଜରୁ ପ୍ରତ୍ୟକ୍ଷ ହେଉଅଛି । ତହିଁରେ ଲେଖାଅଛି ଯେ ସନ ୧୮୭୧ ମସିହାରେ କନ୍ଧଜାତିର ସରଦାରମାନେ ଗଡ଼ଜାତ ସୁପ୍ରିଣ୍ଟଙ୍କୁ ପ୍ରାର୍ଥନା କଲେ ଯେ ମଦଦୋକାନ ବନ୍ଦରେ ଟଙ୍କା ବସାଇ ସେହି ଟିକସରୁ କନ୍ଧାଳୟ ଓ ପଥ ନିର୍ମାଣର ବ୍ୟୟ ନିର୍ବାହିତ ହେଉ । ଏରୂପ ପ୍ରାର୍ଥନାର ହେତୁ ଏହି ଯେ ପ୍ରତ୍ୟେକ ଗ୍ରାମରେ ଅଧିକ ମଦଦୋକାନ ଓ ଭାଟି ଥିବାରୁ ଓ ମଦର ଦର [illegible] ହେବାରୁ କନ୍ଧମାନଙ୍କ ଭିତରେ ମଦ ହେଉଅଛି ଓ ମଦ୍ୟପାୟିଙ୍କ ସଂଖ୍ୟା ବଢ଼ୁଅଛି । ଗବର୍ଣ୍ଣମେଣ୍ଟ ବଙ୍ଗାଳକୁ ଏ ପ୍ରସ୍ତାବ ଯିବାରେ ସେଠାରେ ମଞ୍ଜୁର ହେଲା ପ୍ରତି ଦୋକାନରେ ବାର୍ଷିକ ୫ ଟଙ୍କା ଲେଖାଏଁ କର ଧାର୍ଯ୍ୟ ହେଲା ଏବଂ ଦୋକାନ ସ୍ଥାପନ ଓ କର ଆଦାୟ ସମ୍ବନ୍ଧରେ ଡେପୁଟି କମିଶନରଙ୍କ [illegible] ନିୟମ ପ୍ରସ୍ତୁତ ହୋଇ ତଦନୁସାରେ କାର୍ଯ୍ୟ ଚଳିଲା । ସେହି ନିୟମାନୁସାରେ କାର୍ଯ୍ୟ ଚଳିବାରେ ସନ ୧୮୭୨।୭୩ ମସିହାରେ ୬୯ ଦୋକାନରେ କର ବସିଲା ଓ ତହିଁର ଟିକସ ଓ ଜରିମାନା ସବୁ [illegible] ଓ ୫୧୭୨ ଆଦାୟ ହେଲା । ଏ ଟଙ୍କା କେବଳ କନ୍ଧାଳୟ ସ୍ଥାପନ [illegible] ଏବଂ ପାଠ୍ୟପୁସ୍ତକାଦି କିଣିବାରେ ବ୍ୟୟ ହେଲା । ଏ ଟିକସର ଫଳଭୋକ୍ତା କନ୍ଧମାନେ ଏମନ୍ତ ସନ୍ତୁଷ୍ଟ ହେଲେ ଯେ ସେମାନେ ରାସ୍ତା ନିର୍ମାଣ ସକାଶେ ଆଉ ଗୋଟିଏ କର ବସାଇବାକୁ ସୁପ୍ରିଣ୍ଟ ସାହେବଙ୍କ ନିକଟରେ ଆବେଦନ କଲେ । ସେମାନେ ଏଥର ଏହି ପ୍ରାର୍ଥନା କଲେ ଯେ ପ୍ରତ୍ୟେକ ଘର ଉପରେ ବାର୍ଷିକ ଚାରିଅଣା ଲେଖାଏଁ କର ଧାର୍ଯ୍ୟ ହେଉ । ସୁପ୍ରିଣ୍ଟ ସାହେବ ସହସା ଏମାନଙ୍କ ପ୍ରାର୍ଥନାରେ କର୍ଣ୍ଣପାତ ନ କରି ଆପଣା ମଧ୍ୟରେ କମିଟୀ କରି ସୁନିର୍ଦ୍ଧାର କରିବା ପାଇଁ କନ୍ଧ ସରଦାରମାନଙ୍କୁ ଆଦେଶ କଲେ ଓ ତହିଁ ସଙ୍ଗେ ପ୍ରସ୍ତାବ କଲେ ଯେ ପ୍ରତ୍ୟେକ ଘର ଉପରେ ଟିକସ ନ ବସାଇ ହଳଅବଲଦ ଉପରେ କର ବସାଇଲେ ଅଧିକ ସୁବିଧା ହେବ । କନ୍ଧ ସରଦାରମାନେ ଆପଣା ମଧ୍ୟରେ ବିଚାରକରି ଘରଟିକସ ଅପେକ୍ଷା ହଳଟିକସକୁ ସହଜ ଜ୍ଞାନ କରି ସୁପ୍ରିଣ୍ଟ ସାହେବଙ୍କଠାରେ ଜଣାଇବାରେ ସେ ତଦନୁସାରେ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ ଓ ଗବର୍ଣ୍ଣମେଣ୍ଟ ଉକ୍ତ ସମସ୍ତ ବିଷୟ ବିବେଚନା କରି ପ୍ରତ୍ୟେକ ହଳ ଉପରେ ୫ ୦ [illegible] ଲେଖାଏଁ ବାର୍ଷିକ ଟିକସ ଦେବାର ଅନୁମୋଦନ କରିଅଛନ୍ତି ଏ ଟିକସରୁ ଯେତେ ଟଙ୍କା ଆୟ ହେବ ତହିଁରୁ କେବଳ ସଡ଼କମାନ ନିର୍ମାଣ ହେବ ଓ ଏଥିର ଆୟବ୍ୟୟ ବୁଝିବାର ଭାର କନ୍ଧ ସରଦାରଙ୍କୁ ଦିଆଯାଇଅଛି ମାତ୍ର ସେମାନେ କନ୍ଧମାନଙ୍କ ତହସିଲଦାରଙ୍କ ସହିତ ଯୋଗ ହୋଇ କାର୍ଯ୍ୟ କରିବେ । ପ୍ରଥମେ ଯେଉଁ ରାସ୍ତାମାନ ନିର୍ମାଣ ହେବ ତାହା ମଧ୍ୟ ସ୍ଥିର ହୋଇଅଛି । ଅସଭ୍ୟ ଲୋକମାନେ ଆପଣା ହିତର ଉଦ୍ଦେଶ୍ୟରେ ଏରୂପ ସଭ୍ୟ ପ୍ରଣାଳୀ ଅବଲମ୍ବନ କରି ଅଛନ୍ତି ଏହା ଶୁଣିଲେ କିଏ ଆନନ୍ଦିତ ଓ ବିସ୍ମିତ ନ ହେବ କିନ୍ତୁ ଏକାବେଳକେ ଏ ପ୍ରକାର ଭାବ ତାହାଙ୍କ ମନରେ କିରୂପେ ଉଦୟ ହେଲା ଆମ୍ଭେମାନେ ନିଶ୍ଚୟ କହି ନ ପାରୁଁ । ଆମ୍ଭେମାନେ ଶୁଣିଥିଲୁଁ ଯେ କନ୍ଧମାନେ ମଦ୍ୟପାନରେ ଅତିଶୟ ଅନୁରକ୍ତ ଏମନ୍ତ କି ଯାହା କିଛି ଦ୍ରବ୍ୟ ଉପାର୍ଜନ କରନ୍ତି ସବୁ ଶୁଣ୍ଡୀଘରେ ଦିଅନ୍ତି । ସେ ପ୍ରଦେଶରେ ଶୁଣ୍ଡୀ ଏକା ମହାଜନ ଏବଂ ସେମାନଙ୍କ ଗୁରୁ ସ୍ୱରୂପ । ଏମନ୍ତ ମଦ୍ୟପାୟି କନ୍ଧମାନେ ଯେ ମଦ୍ୟପାନ ନିବାରଣ କରିବାକୁ ଆପଣା ମନରୁ ଉପାୟ ପାଞ୍ଚିଲେ ଏହା ଅତି ଆଶ୍ଚର୍ଯ୍ୟର କଥା । ପୁଣି କନ୍ଧମାନେ ଖଜଣା ଦେବାକୁ କଦାପି ସମ୍ମତ ନ ଥିଲେ । ସେମାନେ ଇଚ୍ଛାମତେ ଜମି ଭୋଗ କରନ୍ତି ଅଥଚ ସରକାରକୁ ଖଜଣା ଦେବାକୁ ସ୍ୱୀକାର ପାଆନ୍ତି ନାହିଁ ଏହି କାରଣରୁ ସେଠାରେ କିଛି ଖଜଣା ତହସିଲ ହୁଅଇ ନାହିଁ ଓ କେବଳ ସେମାନଙ୍କ ଶାସନ ସକାଶେ ଗବର୍ଣ୍ଣମେଣ୍ଟ ଅନେକ ଖର୍ଚ୍ଚାନ୍ତ ହୋଇ ସେଠାରେ ତହସିଲଦାର ଓ ପୁଲିସ ରଖାଇ ଅଛନ୍ତି । ଏବେ ତାହାଙ୍କର ଚରିତ୍ର କିରୂପ ପରିବର୍ତ୍ତନ ହେଲା ଯେ ଘର ଟିକସ କିମ୍ବା ତହିଁ ପରିବର୍ତ୍ତରେ ହଳ ଟିକସ ଦେବାକୁ ମାନସ କଲାଇଲେ । ଏଥିରୁ ଅନୁମାନ କରେ ଦଳକ୍ଷଣରୂପେ ଜଣାଯାଏ ଯେ କନ୍ଧମାନଙ୍କ ତହସିଲଦାରଙ୍କ ଯୋଗେ ସେମାନଙ୍କର ଏପରି ଜ୍ଞାନ ଉଦୟ ହୋଇଥିବ ଓ ଯେବେ ପ୍ରକୃତରେ ତାହା ହୋଇଥାଏ ତେବେ ସେଠା ତହସିଲଦାରଙ୍କ ପ୍ରଶଂସା କରିବାର ଉଚିତ କାରଣ କର କିମ୍ବା ଟିକସ ନ ଦେଲେ କୌଣସି ଲୋକର ଉନ୍ନତି ହେବାର ଉପାୟ ନାହିଁ ଓ ସେ ଯେ ଏପରି ଅସଭ୍ୟ ଲୋକଙ୍କୁ ଟିକସ ଦେବାକୁ ପ୍ରବୃତ୍ତ କରାଇ ଅଛନ୍ତି ଏହା ସାମାନ୍ୟ କୌଶଳ ଓ ପରିଶ୍ରମର ଫଳ ନୁହଇ ।

---

## ସାପ୍ତାହିକ ସଂବାଦ ।

ରାଞ୍ଚି ନାମକ ଯେଉଁ ସ୍ଥାନ ଜିଲ୍ଲା ପରଗଣାର [illegible] ହୋଇ ଅଛି ଚୌରାରେ ଚତୁର୍ଦ୍ଦଶ ବାରାବାସର ଦଣ୍ଡ ପାଇଥିବା ଅପିଲରେ ହାଇକୋର୍ଟ ତାହାକୁ କେବଳ ଛଅମାସ ଦଣ୍ଡ ଭୋଗ କରିବାକୁ ଆଜ୍ଞା ଦେଇଅଛନ୍ତି ରାୟ ଦେଖିଲେ ସବିଶେଷ ଜଣାଯିବ ।

ଆମ୍ଭମାନଙ୍କ ଡାକ୍ତର ବ୍ରାଉନ ସାହେବ ଛୁଟୀରୁ ଫେରି ଆସି ଚଳନ କରେଣ୍ଟି କରି ଅଧ୍ୟ ଦୋଷୀ କର୍ମ ସକାଶେ ବାଲେଶ୍ୱରକୁ ଯାଉଅଛନ୍ତି ।

ଆମ୍ଭମାନଙ୍କ କଲେକ୍ଟର ଗ୍ରାଣ୍ଟ ସାହେବ ଚଳିତ ମାସ ତା ୧୪ ରିଖରେ ସଫରରେ ଗସ୍ତକୁ ଯାତ୍ରା କରିବେ ବୋଲି ଶୁଣାଯାଏ ।

ଯାଜପୁରର ମନସଫ ବାବୁ ଚନ୍ଦ୍ରଶେଖର ଦତ୍ତ ବାଲେଶ୍ୱରକୁ ବଦଳି ହୋଇଅଛନ୍ତି ଓ ବାବୁ ଯଦୁନାଥ ଦାସ ଯେଉଁ ପୂର୍ବେ ବାଲେଶ୍ୱରରେ ଥିଲେ ସମ୍ପ୍ରତି ଯାଜପୁରକୁ ଆସୁଅଛନ୍ତି ।

ଏ ନଗରକୁ ଦ ୭।୮ ଦିନ ହେଲା ଜଣେ ଫକୀର ଆସିଅଛି ଯେ ସେ କୁଷ୍ଠରୋଗ ଓ ଅନ୍ୟାନ୍ୟ ରୋଗ ଶୀଘ୍ର ଆରୋଗ୍ୟ କରିବାର ଦମ୍ଭ ଦେଖାଇଅଛି । ପ୍ରତିଦିନ ଏତେ ଲୋକ ତାହା ନିକଟକୁ ଯାଉଅଛନ୍ତି ଯେ ସେଠାରେ

Digitized by srujanika@gmail.com

ବର୍ଷା ଦୃଷ୍ଟି ହୋଇଅଛି । ବରାମ୍ନାଇ ବ ପର୍ଯ୍ୟନ୍ତ ଅବଧି ପ୍ରକାଶ ପାଇ ନାହିଁ ଅନେକ ଲୋକ ଚାଷବାସ ଗ୍ରହଣ କରିଅଛନ୍ତି ।

ବାବୁ ବନମାଳୀ ସିଂହ ଉତ୍ସୃଷ୍ଟ ହେବାର ଅନୁକୂଳ ତହସିଲଦାରୀ କର୍ମରେ ବାବୁ ବଳଦ ପଟ୍ଟନାୟକଙ୍କୁ କମିଶନର ସାହେବ ମନୋନୀତ କରି ସମ୍ବଲପୁରକୁ ଚିଠି ଲେଖିଅଛନ୍ତି ।

ଅଳ୍ପ କାଳ ଜ୍ୱରବେଗରେ ଏ ନଗର ଏବଂ ମଫସଲରେ ଅନେକ ଲୋକ ମରି ପଡ଼ୁଅଛନ୍ତି ଅଧିକ ବର୍ଷା ହେବାର କାରଣ ବୋଲି ଅନୁମାନ ହୁଅଇ ।

ଗତ ଭୌମବାର ତା ୨ ରିଖ ସନ୍ଧ୍ୟା ସମୟରେ ଅମ୍ଭମାନଙ୍କ ଲେପ୍ଟେନେଣ୍ଟ ଗବର୍ଣ୍ଣର ବାହାଦୁର ଟେମ୍ପଲ କଲିକତାରେ ପ୍ରବେଶ ହେଲେ ଓ ସେହିଦିନ ତାହାଙ୍କର ସହଧର୍ମିଣୀ ବିଲାତରୁ ଆସି ପହଞ୍ଚିଲେ ।

ଆମେରିକା ଅନ୍ତର୍ଗତ ଗୁଆଟେମାଲାରେ ଗତ ସେପ୍ଟେମ୍ବର ମାସରେ ଯେଉଁ ଭୂମିକମ୍ପ ହୋଇ ଗୋଟିଏ ନଗରକୁ ବିଧ୍ୱଂସ କରିଅଛି ତହିଁର ବୃତ୍ତାନ୍ତ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ହୋଇଅଛି । ଭୂମିକମ୍ପର ପୂର୍ବଲକ୍ଷଣ କିଛି ଦେଖା ନ ଯାଇ ଏକାବେଳକେ ଭୂମି ଶବ୍ଦ ସହିତ ପ୍ରଚଣ୍ଡରୂପେ କମ୍ପି ଉଠିଲା ଓ ଅନବରତ କମ୍ପ ମିଶ୍ରିତ ହୋଇ କେତେଥର କମ୍ପ ହେଲା ଓ ଏ ଲହରୀ ଭଳି ଅନ୍ଦୋଳନରେ ଭୂମି ଏକପଟ୍ଟ ଉପରକୁ ଉଠି ପଡ଼ି ଯାଉଥାଏ । ପ୍ରତ୍ୟେକ ବସ୍ତି ଭାଙ୍ଗି ପଡ଼ିଗଲେ ଓ କେତେଜଣ ପ୍ରାଣ ହରାଇଲେ ଅନ୍ଧାର ରାତ୍ରିରେ ଏ ଭୂମିକମ୍ପ ହୋଇଥିବାରୁ ଅଧିକ ଭୟଙ୍କର ହେଲା ଓ ଅନେକ ଦୁର୍ଘଟଣା ଘଟିଲା । ଯେଉଁମାନେ ବଞ୍ଚିଲେ ସେମାନେ ଖୋଲା ଯାଗାରେ ଏକତ୍ର ହୋଇ ଭଜନ କରି ରଜନୀ କାଟିଲେ । ଦୁର୍ଜନମାନେ ଏତେବଡ଼ ବିପଦରେ ସୁଦ୍ଧା ଗଣ୍ଡଗୋଳ ସୁଯୋଗରେ ଚୋର ଉଦ୍ଦେଶରେ ରହିଲେ ଓ କେହି ଅଟକାଇଲେ ତାକୁ ହାଣିବାକୁବସିଲେ ।

ପାରଦାଟ ନୂଆପୋଡ଼ି ନହରୁନାର ଜଣେ ଭଣ୍ଡାଲକୁ ସେଠାରୁ ଅସିଷ୍ଟାଣ୍ଟ ମେଜିଷ୍ଟ୍ରର ଓ ସୁପରିଣ୍ଟେଣ୍ଡେଣ୍ଟ ପୁଲିସ କେବଳ ସନ୍ଦେହରେ ଧରି କଏଦ ହାଜତରେ ରଖିଥିବାରୁ ସେ ସେମାନଙ୍କ ନାମରେ କ୍ଷତିପୂରଣ ପାଇବା ନିମିତ୍ତରେ ସବଡିଭିଜନ ଜଜଙ୍କଠାରେ ନାଲିସ କରିଅଛି ।

ପ୍ରୟାଗର ଛୋଟ ଅଦାଲତରେ କେଶବ ବନର୍ଜ୍ଜି ସାହେବ ସରକାରୀ ଟଙ୍କା ଅଭୂଷାତ୍ କରିବା ଅପରାଧରେ ଧୃତ ହୋଇଅଛି । ଏପରି କର୍ମଚାରୀକୁ ଦଣ୍ଡ ମିଳିଲେ ସେ କହିଁରେ ଉଚିତ ହୋଇ ଖରଚର ଟଙ୍କାରେ ହାତ ଦେଲା ! କଳି କାଳ !!

ଦ୍ୱାଲ୍‌ଏଭରେ ଜଣେ ଅନ୍ଧବ୍ୟକ୍ତି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇଅଛି । ଧନ୍ୟ ଇଂରେଜ ! ଅନ୍ଧ ହେଲେ ମଧ୍ୟ ଏତେଦୂର ବିଦ୍ୟା ଉପାର୍ଜନ !

ଲକ୍ଷ୍ନୌରେ ଜଣେ ଫକୀର ଆପଣାର ଦେବତ୍ୱ ତୁଳନାରେ ଜଣେ ସ୍ୱବଶୀଭୂତ ବଳାତ୍କାର କରିବାରେ ତାହାର ଶତ୍ରୁମାନେ ଫକୀରକୁ ଏପରି ପ୍ରହାର କଲେ ଯେ ସେ ମରିଗଲା । ପ୍ରହାରକାରୀଙ୍କ ମଧ୍ୟରୁ ଜଣେ ମାସେ ଓ ଜଣେ ବର୍ଷେ କାରାବାସର ଦଣ୍ଡ ପାଇଅଛନ୍ତି । ଯାହା ହେଉ ଫକୀରର ଦେବତ୍ୱ ବାହାରିଅଛି ।

ଜାନପୁର ନିକଟରେ ରେଲଓଏର ଦୁର୍ଘଟଣା ଘଟିବାରୁ ଏଗାରଖଣ୍ଡ ଗାଡ଼ି ଲାଇନରୁ ବାହାରି ପଡ଼ିଗଲା କିନ୍ତୁ କେହି ମନୁଷ୍ୟ ନଷ୍ଟ ହୋଇ ନାହାନ୍ତି ଏହିକ ସୁଖର ବିଷୟ ।

ମୃତ୍ୟୁ ହୋଇଥିବା ହରମଣି ତୁମାଇନଖାନ୍ ଦେହଲଷ୍ଟଙ୍କା ଧାଉବ୍ୟକାର୍ଯ୍ୟ ସବାଜେ ଦରି
[illegible]
ଦଣ୍ଡ ଟଙ୍କାରେ ଅଟଇ ।

କଲିକତାରେ ଗତ ସୋମବାର ରାତ୍ରରେ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କର କୋଠିରେ ଦେଶୀୟ ଭଦ୍ରବ୍ୟକ୍ତିଙ୍କର ବୈଠକ ହୋଇଥିଲା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା

ସମ୍ପାଦକ ମହାଶୟ ସମୀପେଷୁ ।

ମାନ୍ୟାସ୍ପଦ ମହାଶୟ ! ଗତ ଲାଟବନ୍ଦୀ ଦିନ କଲେକ୍ଟରୀ କଚେରୀରେ ଦେଖିଲୁଁ କି କେତେକ ମହାଲର ଉଭୟ ଅଂଶିଦାର କି ଯାହାଙ୍କ ଅଂଶ ମହାଲ ବଦ୍ଧୃତ୍ୱଲଭାନ୍ତରେ ନିଲାମ ହେଲେ ନଷ୍ଟ ହେବ ସେମାନେ ଅସଲ ମାଲିକ ଟଙ୍କା ଦାଖଲ କଲା କି ନାହିଁ ଏହି ଭୟରେ ଥିଲେ ଅବା କେହି୨ ସମସ୍ତ ମହାଲ ଟଙ୍କା ସନ ୧୮୮୧ ସାଲ ୧୧ ଅଗନ୍ତି ୧ ଧାର୍ଯ୍ୟମତେ ଜମା କରିବାକୁ ପ୍ରସ୍ତୁତ ଥିଲେ ଅବା କେହି୨ ହଣବାଥ୨ ଡାକୁ ଥିଲେ । ସେ ଯାହା ହେଉ, ସମ୍ପାଦକ ମହାଶୟ ! ମୋହର ଜିଜ୍ଞାସ୍ୟ ଏହି କି ଯଦି ଅସଲ ମାଲିକ ପ୍ରତାରଣା କରି ଲାଟବନ୍ଦୀ ଦିନ ... ନ ଦିଏ ଅବା ଉଭୟ ଅଂଶିଦାର ... ଅନ୍ୟ ପ୍ରକାର ସମ୍ପର୍କୀୟ ଲୋକ ... ସ୍ୱତ୍ୱ ଉକ୍ତ ଲିଯ୍ୟାଦାର ନଷ୍ଟ ହେବ ସେମାନେ ଯଦି ଏମନ୍ତ ଅପଚୟି ଲୋକ ଯେ ସମସ୍ତ ମହାଲ ସ୍ୱତ୍ୱ ଟଙ୍କା ଦେଇ ନ ପାରନ୍ତି ତେବେ ସେ କିପରି ସ୍ୱତ୍ୱ ରକ୍ଷା କରି ପାରନ୍ତି ? ଯଦି କହନ୍ତି ପୃଥକ୍ ଅଂଶିଦାର ସ୍ୱତ୍ୱ ସ୍ୱତ୍ୱ ରେଜେଷ୍ଟରୀ କରି ନେଲେ ରକ୍ଷା ହୋଇପାରେ, ସତ୍ୟ, କିନ୍ତୁ ଏପରି ଅନେକ ଅଂଶ ଅଛି ଓ ହେଉଅଛି ଯେ ସେମାନେ ଉକ୍ତମତେ ରେଜେଷ୍ଟରୀ କରି ପାରନ୍ତି ନାହିଁ ଅବା ରେଜେଷ୍ଟରୀ କରିବା ପ୍ରତି ଅନେକ ଆପତ୍ତି ଥାଏ, ତେବେ କି ଅସଲ ମାଲିକ ମନ ବଦଳରେ ମୁକ୍ତ ହେବାର ପଥ ନାହିଁ ? ଥିଲେ କୃପା କରି ଲେଖିବା ହୋଇବେ । ପୁଣି ଆଇନର କେଉଁ ଦଫା ମତେ ସେପରି କ୍ରିୟାର ଲାଗି ନାଲିସ ହୋଇ ପାରେ କି ଯେ ସୁଦ୍ଧା ଅସଲ ମାଲିକ ସଙ୍ଗତିପନ୍ନ ଲୋକ ଥାଇ ମଧ୍ୟ ଅନ୍ୟ ଅନ୍ୟ ଉଭୟ ସତ୍ତ୍ୱଦାରଙ୍କ ସ୍ୱତ୍ୱ କାଟି ନେବା ଅବା ଦଆଇବା ଅଭିପ୍ରାୟରେ ମହାଲ ଲାଟରେ ଅଣେ ତେବେ ଫଉଜଦାରୀ ଅପରାଧ ହୁଏ କି ନାହିଁ ? କୃପା କରି ଆପଣଙ୍କ ପ୍ରିୟ ପାଠକଙ୍କୁ ଉକ୍ତ ବିଷୟମାନଙ୍କରେ ଭ୍ରମ ଥିଲେ ସଂଶୋଧନ କରନ୍ତୁ ଏହି ପ୍ରାର୍ଥନାୟ । ଇତି ।

ଶ୍ରୀ । ରମାନାଥ ଦାସ

ଘଟ୍ଟମଣ୍ଡି ।

## ବିଜ୍ଞାପନ ।

ଲକ୍ଷ୍ମଣ ନାଥ ମଧ୍ୟମଶ୍ରେଣୀ ଇଂରାଜୀ ସ୍କୁଲର ପ୍ରଧାନ ଶିକ୍ଷକପଦ ଶୂନ୍ୟ ଅଛି । ମାସିକ ବେତନ ୨୦ ଟଙ୍କା । ସ୍ଥାନ ଭଲ ବାୟୁ ବିଷୟରେ ଅତି ଉତ୍ତମ । ପଦାକାଂକ୍ଷୀମାନେ ବାଲେଶ୍ୱର ଜିଲାର ସ୍କୁଲ ଡେପୋଟୀ ଇନ୍‌ସପେକ୍ଟରଙ୍କ ନିକଟକୁ ଦରଖାସ୍ତ ପଠାଇବେ । ଯେଉଁମାନେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି ସେମାନଙ୍କର ଆବେଦନ କରିବାର ପ୍ରୟୋଜନ ନାହିଁ ।

| | |
|---|---|
| ବାଲେଶ୍ୱର ୧୭।୧୨।୭୪ | Kunja Bihari Pal. ବାଲେଶ୍ୱର ଶିକ୍ଷାକମିଟୀର ସମ୍ପାଦକ । |

## ମୂଲ୍ୟପ୍ରାପ୍ତି ।

ବାବୁ ଘନଶ୍ୟାମ ପଟ୍ଟନାୟକ ବନମାଳି

ଅଗ୍ରିମ ୫୭।୦

„ ସୁଦାମଚରଣ ପଟ୍ଟନାୟକ ଡେଲଙ୍ଗ „ ୫୭।୦

☞ ଏହି ଉତ୍କଳଦୀପିକା ସହରକଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 18

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୯ | ସଂଖ୍ୟା ୫୧

ତା ୨୬ରିଖ ଡିସେମ୍ବର ସନ ୧୮୭୪ ମସିହା । ପୌଷ ବ ୧୯ ଦି. ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧।୵

ସାଧାରଣ ନିର୍ମାଣ କାର୍ଯ୍ୟର ତତ୍ତ୍ୱାବଧାରଣ ନିମିତ୍ତ ଜଣେ ନୂତନ ମନ୍ତ୍ରୀ ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ନିଯୁକ୍ତ ହେବା ପାଇଁ ପାର୍ଲିମେଣ୍ଟ ସଭାର ଯେଉଁ ଆଇନ ହୋଇଅଛି ତଥେନ ଅନୁମାନ ହୋଇଥିଲା ଯେ ଗବର୍ଣ୍ଣର ଜେନେରଲ ସାହେବ ଉକ୍ତ କର୍ମର ବଡ଼ ଅନୁଗତଙ୍କ ହେତୁ ନ ଥିବାରୁ କାହାରକୁ ନିଯୁକ୍ତ କରିବେ ନାହିଁ । ସମ୍ପ୍ରତି ଜନରବ ଶୁଣାଯାଏ ଯେ ମହାମାନ୍ୟ ପ୍ରତିନିଧି ସାହେବ ଜଣେ ସିବିଲିୟାନକୁ ଉକ୍ତ କର୍ମରେ ନିଯୁକ୍ତ କରିବେ ମାତ୍ର ବର୍ତ୍ତମାନ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ସଭାରେ ଯେତେଜଣ ସଭ୍ୟ ଅଛନ୍ତି ତେତେକ ସଭ୍ୟ ରହିବେ ଅତିରିକ୍ତ ସଭ୍ୟ କୋଳ ଉକ୍ତ କର୍ମରେ ନିଯୁକ୍ତ ହେବେ ନାହିଁ । ଜନରବଟି ସତ୍ୟ ହେଲେ ଏହାଦ୍ୱାରା ଭାରତବର୍ଷର ବ୍ୟୟ ବୃଦ୍ଧି ହେବ ନାହିଁ ଅଥଚ ପାର୍ଲିମେଣ୍ଟ ସଭାର ଖାତିର ରହିବ ।

---

ବାବୁ ଗୋବିନ୍ଦ ଦତ୍ତ ନାମରେ କଲିକତାର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ଗତ ବ ୮।୧୦ ଦି ହେଲା ଏ ନଗରକୁ ଆସିଅଛନ୍ତି ଓଡ଼ିଶାର ପ୍ରଧାନ ୨ ସ୍ଥାନମାନ ଏବଂ ଏଠାର ଗାଡ଼ ମଠସବୁ ଦେଖିବା ତାହାଙ୍କର ଇଚ୍ଛା ଓ ସେ ଅଦ୍ୟ ସଫଳ କରିବାରେ ନିଯୁକ୍ତ ଅଛନ୍ତି । ବାବୁ ମହାଶୟ କଲିକତାର ଗୋଟିଏ [illegible] ପ୍ରତିନିଧି ଅଟନ୍ତି ଏବଂ ସ୍ୱୟଂ ନିସ୍ୱାର୍ଥଭାବରେ ଅନେକ କାର୍ଯ୍ୟ ଓ ପରୋପକାର କାର୍ଯ୍ୟ କରି ଖ୍ୟାତି ଲଭି ଅଛନ୍ତି । ହୋମିଓପାଥିକ ଚିକିତ୍ସା ଏହାଙ୍କଦ୍ୱାରା ବିଲକ୍ଷଣଭାବରେ ପ୍ରଚାର ହୋଇଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ବିନା ମୂଲ୍ୟରେ ଏବଂ ବିଶେଷ ଯତ୍ନ-ଗିନ ସହକାରେ ସେ ଉକ୍ତ ପ୍ରଣାଳୀରେ ଅବଧି ସେଠିକାର ଚିକିତ୍ସା କରୁଅଛନ୍ତି । ଏଠାକୁ ଅଦେଶିବା ଚିକିତ୍ସା କରିବାକୁ ଆସନ୍ତି ନାହାନ୍ତି କାରଣ ଏଠାରେ ଯେକେହି ଚିକିତ୍ସା ଲଭିବାକୁ ପ୍ରାର୍ଥୀ ହୋଇଅଛନ୍ତି ତାହାଙ୍କର ମାନସ ପୂର୍ଣ୍ଣ କରୁଅଛନ୍ତି ।

---

ଅମ୍ଭେମାନେ ଶୁଣୁଅଛୁଁ ଯେ ସରକାର ବାହାଦୁର ବର୍ତ୍ତମାନ ଏ ଜିଲ୍ଲାରେ ଶୁଳୁଅ ବେପାର ଅଟକ କରି ଯେଉଁ ୨ ସ୍ଥାନରେ ଲବଣ ଯୋଗାଡ଼ ହେଉଅଛି ସେହି ୨ ସ୍ଥାନରେ ମାତ୍ର ମାଲ ଲବଣ ଦେଇ ଶୁଳୁଅ ପ୍ରସ୍ତୁତ କରିବା ସବାଦେ ଲୋକ ନିଯୁକ୍ତ କରୁଅଛନ୍ତି । ଏ ଜିଲ୍ଲା କଲେକ୍ଟରର ତହିଁର ବନ୍ଦୋବସ୍ତ ହୋଇଅଛି । କାହିଁକି ଏ ବେପାରରେ ଗବର୍ଣ୍ଣମେଣ୍ଟ ମତ ହୋଇଅଛନ୍ତି ଅମ୍ଭେମାନେ କହି ନ ପାରୁଁ ଅମ୍ଭେମାନେ ଯାହା ଶୁଣିଲୁଁ ପାଠକମାନଙ୍କୁ ଜଣାଇଲୁଁ । ଯେବେ ଏ କଥାସବୁ ସତ୍ୟ ହୁଏଇ ହେବେ କାର୍ଯ୍ୟଟି ଏ ଜିଲ୍ଲା ପକ୍ଷରେ ସୁଖକର ଅଟଇ କାରଣ ଏଠାରେ ଶୁଳୁଅର ଗ୍ରାହକ ଅନେକ ଅଛନ୍ତି । ଅନୁମାନ ହୁଏଇ ଗାୟକ୍ତ ବର୍ତ୍ତ୍ୱାକେବ ଏଥିପରେ ଯେ ଶୁଳୁଅ ଫସଲ ନଷ୍ଟ ହେବାର ଅକ୍ଷେପ ପ୍ରକାଶ କରି ଲବଣ ଉପରେ ଅଧିକ କର ସ୍ଥାପିତ ହେଉଥିବା ତହିଁର କାରଣ ସ୍ୱରୂପ ପ୍ରଦର୍ଶିତ କରିଥିଲେ ସେହି ମତରୁ ଏରୂପ ବେପାର ଆରମ୍ଭ ହୋଇଅଛି ।

---

ବାବୁ ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନାଲିଶ ମତେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଦୁର୍ନାମ କରିବା ଅଭିଯୋଗରେ ୱାରଣ୍ଟରେ ଗିରଫ୍ତାର ହୋଇ ଏକ ହଜାରଟଙ୍କାର ଯାମୀନ ଦେଇ ହେବାରେ ଦେଇ ନ ପାରି ଦୁଇ ଦିନ ହାଜତରେ ରହିଥିଲେ । ମୋକଦ୍ଦମାର ଅବସ୍ଥା ଏରୂପ ଶୁଣାଯାଏ ଯେ ଲକ୍ଷ୍ମୀନାରାୟଣ ବାବୁ କେତେକ ଜମିଦାରୀକୁ ଜାମିନରେ ଆବଦ୍ଧ କରିବାରେ ଦୀନନାଥ ଆପଣା ପୁତ୍ରଙ୍କ ପକ୍ଷରୁ ଏହି ଆପତ୍ତି କଲେ ଯେ ଉକ୍ତ ସମ୍ପତ୍ତିରେ ତାହାଙ୍କ ପୁତ୍ରଙ୍କର ସତ୍ତ୍ୱ ଅଛି ମାତ୍ର ଲକ୍ଷ୍ମୀନାରାୟଣ ବାବୁ ଆପଣା ଭାଇର ସ୍ତ୍ରୀଙ୍କ ଯୋଗସାଜସରେ କୃତ୍ରିମ ଦସ୍ତାବିଜଦ୍ୱାରା ଉକ୍ତ ପୁତ୍ରମାନଙ୍କୁ ନୈରାଶ କରିବାକୁ ବସି ଅଛନ୍ତି ତହିଁପାଇଁ ଅଦାଲତରେ ନାଲିଶ ହେବ ଓ ଏଥି ମଧ୍ୟରେ ସମ୍ପତ୍ତି ନଷ୍ଟ ହୋଇ ନ ଯାଏ ଏହି ଉଦ୍ଦେଶ୍ୟରେ ଦୀନନାଥ ମୁକ୍ତାହେମ ହୋଇ ଥିଲେ । କଲେକ୍ଟର ଶ୍ରୀଯୁକ୍ତ ଟମ୍ପସ ସାହେବ ମୁକ୍ତାହେମୀ ନାମଞ୍ଜୁର କରି କୃତ୍ରିମ ଦସ୍ତାବିଜ ପ୍ରସ୍ତୁତକରିବାର କଥା ଲେଖିଥିବାରୁ ଲକ୍ଷ୍ମୀନାରାୟଣ ବାବୁଙ୍କୁ ଫଉଜଦାରୀରେ ଅଭିଯୋଗ କରିବା ପାଇଁ

Digitized by srujanika@gmail.com

ଅନୁଚିତ ହେଲେ । ତଦନୁସାରେ ଉପରଲିଖିତ ଘଟନା ହୋଇ ଅଛି । ମୋକଦମା ବିଚାରାଧୀନରେ ଥିବାରୁ ଅମ୍ଭେମାନେ କୌଣସି ମତାମତ ପ୍ରକାଶକର ନ ପାରି ମାତ୍ର ଜାଣିବାଅର୍ଥ ଲେଖୁ ପାଉଁ ଏଥିରୁ ବିଦେଶୀଜାତିକ ସମ୍ବାଦପତ୍ରର ସମ୍ପାଦକ ଥିବାରୁ ବେଲେଜ ଲୋକ ବିଦେଶୀ ଦରବାରରେ ପଡ଼ିଅଛନ୍ତି ବୋଲି କହୁ ଅଛନ୍ତି । ଅମ୍ଭେମାନେ ବିଚାରିବୁଁ ଯେ ବିଦେଶୀର ସମ୍ପାଦକତା ସହିତ ଏ ସବୁ କାର୍ଯ୍ୟର କୌଣସି ସମ୍ପର୍କ ନାହିଁ ଓ ଯେଉଁମାନେ ଏ ଦୁଇକଥାକୁ ଯୋଗ କରୁ ଅଛନ୍ତି ସେମାନେ ଭ୍ରମବଶତଃ ନାଟେମଙ୍କଠାରେ ଦୋଷାରୋପ କରୁଅଛନ୍ତି ।

## ସନ ୧୮୭୪ ମସିହା ।

ଏତଦ୍ଦ୍ୱାରା ପତ୍ରିକା ସହିତ ଅମ୍ଭେମାନେ ସନ ୧୮୭୪ ମସିହାକୁ ବିଦାୟ ଦେଉଅଛୁଁ । ଯଦ୍ୟପି ବି ଏ ବର୍ଷର ଆରମ୍ଭରେ ଏ ପ୍ରଦେଶର ଏକ ସଂକୀର୍ଣ୍ଣ ସ୍ଥାନରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ହୋଇଥିଲା ଓ ବର୍ଷଶେଷରେ ସେହିପରି ଏଠାର ଅନୁପରିମାଣ ଭୂମିଖଣ୍ଡରେ ପ୍ରବଳ ବାତ୍ୟା ଯୋଗୁଁ ଦେଶରେ ଅଭାବ ଘଟିଥିଲା ତଥାପି ଦୁର୍ଭିକ୍ଷ ଓ ବାତ୍ୟାର ପ୍ରତାପ ବଙ୍ଗଦେଶରେ ସ୍ୱଦେଶ ଅପେକ୍ଷା ପ୍ରତ୍ୟକ୍ଷ ହୋଇଥିଲେ ମଧ୍ୟ ଈଶ୍ୱରଙ୍କ କୃପା ଓ ଗବର୍ଣ୍ଣମେଣ୍ଟଙ୍କ ସୁବିଚାର ପୂର୍ବକ କର୍ତ୍ତବ୍ୟ ସାଧନରେ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ପରିହୃତ ହୋଇଅଛି ମାତ୍ର ସୂକ୍ଷ୍ମରୂପେ ବିବେଚନା କରିବାରେ ସନ ୧୮୭୪ ମସିହା ଓଡ଼ିଶାକୁ ଉତ୍ତମରୂପେ ପ୍ରତିପାଳନ କରି ବିଦାୟ ହେଉଅଛି ଓ ଆଗାମୀବର୍ଷ ପାଇଁ ଫସଲର ଅବସ୍ଥା ମଧ୍ୟ ଭଲକରି ଦେଇଅଛି । ସୁବିବେକ କାର୍ଯ୍ୟ ପ୍ରତି ଲକ୍ଷ କଲେ ସନ ୧୮୭୪ ମସିହା ପରି ସୁ ବର୍ଷ ଅନେକ ଦିନରୁ ଦେଖିବାରେ ଆସି ନାହିଁ । ଏ ବର୍ଷ ରୋଗମାନେ କମସ୍ତେ ପ୍ରବଳ ଥିଲେ କିନ୍ତୁ ବର୍ଷା ଠିକ ଯେଯାହା ଋତୁରେ ସାଧାରଣଙ୍କ ପ୍ରତି ଅପଣାର ସଦ୍ଗୁଣ ଦେଖାଇ ଅଛନ୍ତି ଓ ମଧ୍ୟବିଧ ବୃଷ୍ଟି ପ୍ରବଳ ହେବାରେ ଉଦ୍ଭିଦ ବିଶେଷ ଦୁର୍ଘଟଣା ଯଥା ଓଲଟା ବନ୍ୟା ଆଦି ପ୍ରଚୁର ଜାତିତ ହୋଇ ପ୍ରାଣୀ ଓ ଫସଲ ନଷ୍ଟ କରିବାର କ୍ଷାନ୍ତ ନ ଥିଲେ ତଥାପି କୌଣସି ଦୁର୍ଘଟଣା ଏମନ୍ତ ପ୍ରବଳ ହୋଇ ନାହିଁ କି ଯହିଁକି ସର୍ବସାଧାରଣଙ୍କର ଅଧିକ ମନସ୍ତାପ ଓ କ୍ଳେଶର କାରଣ ହୋଇଅଛି । ସୁଖ ଦୁଃଖ ସଂସାରର ସ୍ୱଭାବ ଓ ଅମିଶ୍ର ସୁଖ କି ଦୁଃଖ କୌଣସି ସମ୍ମୁଖରେ ଦେଖାଯାଏ ନାହିଁ ଏ ସ୍ଥଳେ ଯେବେ କୌଣସିକାଳରେ ଦୁଃଖଠାରୁ ସୁଖର ଭାଗ ଅଧିକ ହୋଇଥିଲେ ସେହିକାଳକୁ ଭଲ ବୋଲିବାକୁ ହେବ । ସନ ୧୮୭୪ ମସିହା ଏଥି-ପ୍ରକାର ବିବେଚନାରେ ସୁଖରେ ଅତିବାହିତ ହୋଇଅଛି ବୋଲିବାକୁ ହେବ ଏବଂ ବିଶେଷ-ରେ ଏ ବର୍ଷ ଅମ୍ଭମାନଙ୍କର ସ୍ଥାନୀୟ ଶାସନ-କର୍ତ୍ତା ବଙ୍ଗଳାର ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏଠାକୁ ଶୁଭାଗମନ କରି ଅମ୍ଭମାନଙ୍କର ଅବସ୍ଥା ଦେଖିଯାଇ ଅଛନ୍ତି ଅତଏବ ଅମ୍ଭମାନଙ୍କର କେତେଗୁଡ଼ିଏ ମଙ୍ଗଳ ସାଧନ କରିବାର ସମ୍ଭାବନା ଥିବାରୁ ଏ ବର୍ଷ ଆଉ ଏକ ପ୍ରକାର ଶୁଭଫଳ ଦେଇଯାଇ ଥିବାର କୁହା-ଯାଇ ପାରେ । ଏହି ସବୁ ବିବେଚନାରେ ଅମ୍ଭେମାନେ ସନ ୧୮୭୪ ମସିହାକୁ ଆନନ୍ଦ ସହିତ ସମାଦର ପୂର୍ବକ ବିଦାୟ ଦେଇ ପାଠକମାନଙ୍କୁ ସ୍ମରଣ କରାଇ ଦେଉଅଛୁଁ ଯେ ବଡ଼ ଦିନ ଉପଲକ୍ଷରେ ନାନାପ୍ରକାର ଆନନ୍ଦ ଉପଭୋଗ କରି ଏ ବର୍ଷର ସତ୍କାର୍ଯ୍ୟ କରନ୍ତୁ ଓ ଆଗାମୀ ବର୍ଷରେ ଅଧିକ ସୁଖସ୍ୱଚ୍ଛନ୍ଦତା ଲାଭ କରିବା ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ ।

## ମଞ୍ଚେଷ୍ଟରର ଲୁଗା ମହାଜନ ।

ପାଠକମାନେ ଜାଣନ୍ତି ଯେ ଅଳ୍ପକାଳ ଭାରତବର୍ଷରେ ବିଲାତି ଲୁଗାର କାରବାର ଅତିଶୟ ବୃଦ୍ଧି ହୋଇ ଅଛି ଓ ବର୍ଷକୁବର୍ଷ ଏଦେଶର ଲୋକମାନେ ଅଧିକତର ପରିମାଣରେ ବିଲାତି ଲୁଗା ବ୍ୟବହାର କରୁ ଅଛନ୍ତି । ଏମନ୍ତ କି ବିଲାତିଲୁଗା କାରବାରହେତୁରୁ ଦେଶର ତନ୍ତୁକୁଳ କ୍ରମଶଃ ଲୋପକୁ ଯାଉଅଛନ୍ତି ଓ ପୂର୍ବକାଳ କାଳରେ ଉତ୍କୃଷ୍ଟ ଲୁଗା ପ୍ରସ୍ତୁତ କରିବା ବିଷୟରେ ଭାରତବର୍ଷର ଯେଉଁ ଖ୍ୟାତି ଥିଲା ତାହା ବିଲୁପ୍ତ ପ୍ରାୟ ହୋଇଅଛି । ଆଉ ଏବେ ଢାକାଇମଲମଲ ଓ ଦକ୍ଷିଣୀ ଛିଟର ନାମ ନାହିଁ ଏହି ଦେଶରୁ ଇଉରୋପର ନାନାସ୍ଥାନକୁ ଉତ୍କୃଷ୍ଟ ଲୁଗା ପୂର୍ବେ ରପ୍ତାନି ହେଉଥିଲା ଏବେ ସେସବୁ ଦେଶର ଲୁଗା ଆମଦାନି କରି ଅମ୍ଭେମାନେ ବ୍ୟବହାର କରୁଅଛୁଁ ଓ ସେ ସବୁ ଲୁଗା ସୁଲଭ ମୂଲ୍ୟରେ ପାଇବାରୁ ଏତେ ସୁବିଧା ବୋଧ ହେଉଅଛି ଯେ ଆଉ ଦେଶୀଲୁଗା କିଣିବାକୁ ମନ ବଳୁ ନାହିଁ । ଯେତେ ବିଦେଶୀୟ ଲୁଗା ଅମ୍ଭେମାନେ ବ୍ୟବହାର କରୁଁ ତହିଁର ଅଧିକାଂଶ ଇଂଲଣ୍ଡରୁ ଆସଇ ଓ ଇଂଲଣ୍ଡମଧ୍ୟରେ ମାଞ୍ଚେଷ୍ଟର ନଗର ଏ ସବୁ ଲୁଗା ପ୍ରସ୍ତୁତ ହେବାର ପ୍ରଧାନ ଆଡ୍ଡା ସେଠାଲୁଗାମହାଜନମାନେ ସର୍ବଦା ଭାରତବର୍ଷର ମନ ଯୋଗାଇବାକୁ ଚେଷ୍ଟିତ ହୋଇ ନାନାପ୍ରକାର ଥାନ ଓ ଧୋତି ପ୍ରସ୍ତୁତ କରି ପଠାଉ ଅଛନ୍ତି ଓ ତହିଁରେ ସେମାନଙ୍କର ବିଲକ୍ଷଣ ଲାଭ ହେଉଅଛି । ଲାଭମୂଳରେ ଏମନ୍ତ ଲାଗିଅଛି ଯେ ଭାରତବର୍ଷର ହିତାହିତ ପ୍ରତି ଅନ୍ଧ ହୋଇ ଅପଣା ଲାଭର କିଞ୍ଚିତ୍ମାତ୍ର କ୍ଷତି ହେବାର ସମ୍ଭାବନା ଦେଖିଲେ ତତ୍କ୍ଷଣାତ୍ ତହିଁର ପ୍ରତୀକାର ଖୋଜିବାକୁ ବ୍ୟସ୍ତ ହେଉ ଅଛନ୍ତି । ଏଥିରୁ ଗତ ଦୁଇବର୍ଷ ହେଲା ବମ୍ବେ ପ୍ରଦେଶର କେତେକଜଣ ସାହସୀ ଓ ବୁଦ୍ଧିମନ୍ତ ମହାଜନ ଏଦେଶରେ ଲୁଗାକଳ ବସାଇ ମାଞ୍ଚେଷ୍ଟରପରି ଏ ଦେଶର ପ୍ରୟୋଜନୀୟ ଲୁଗା ଏଠାରେ ପ୍ରସ୍ତୁତକରି ବିକ୍ରୟ କରିବାକୁ ଦୃଢ଼ବଳ ହୋଇ କେତେଗୁଡ଼ିଏ କମ୍ପାନୀ ସ୍ଥାପନଦ୍ୱାରା ଲୁଗାକଳମାନ ବସାଇ ଅଛନ୍ତି ଓ ସେଠା ଲୋକମାନେ ଅପଣା ମଧ୍ୟରେ ଏପ୍ରକାର ଧର୍ମଘଟ କରି ଅଛନ୍ତି ଯେ ବିଲାତର ଆମଦାନି ଲୁଗା ଆଉ କିଣିବେ ନାହିଁ । ସମ୍ପ୍ରତି ବମ୍ବେଇରେ ସ୍ଥାପିତ ହେବା କମ୍ପାନୀମାନଙ୍କଦ୍ୱାରା ଅନେକ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ଆସିଲାଣି ଓ ଅନୁମାନ ହୁଅଇ ଯେ ସେମାନଙ୍କ କାରବାର କ୍ରମଶଃ ବୃଦ୍ଧି ହେବ ଓ ତହିଁରେ ବିଲାତି ଲୁଗାର ଆମଦାନୀ ବର୍ଷକୁ ବର୍ଷ ନ୍ୟୂନପଡ଼ି ପରିଶେଷରେ ହୁଅଇତ ଏକାବେଳକେ ରହିତ ହୋଇ ଯିବ । ମାଞ୍ଚେଷ୍ଟରର ସୂତାକୁର ସ୍ୱାର୍ଥପର ମହାଜନମାନେ ଅପଣାମାନଙ୍କ ବ୍ୟବସାୟର ଏରୂପ ଦୁରବସ୍ଥା ଚିନ୍ତାକରି ଅତ୍ୟନ୍ତ ବ୍ୟସ୍ତ ହୋଇ ଅଛନ୍ତି ଓ କି ଉପାୟ କଲେ ବମ୍ବେଇ ମହାଜନଙ୍କଠାରୁ ଊଣା ଦରରେ ଲୁଗା ବିକ୍ରୟ କରି ଅପଣା ବ୍ୟବସାୟ ରକ୍ଷା କରି ପାରିବେ ତହିଁର ଚିନ୍ତା କରୁ ଅଛନ୍ତି । ଅନ୍ୟାନ୍ୟ ଉପାୟ ମଧ୍ୟରେ ଗୋଟିଏ ଉପାୟ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବିନା ସଫଳ ହୋଇ ନ ପାରେ ବୋଲି ବିଲାତର ସେକ୍ରେଟେରୀଙ୍କ ନିକଟରେ ଆବେଦନ ପତ୍ର ପ୍ରଦାନ କରିଥିଲେ । ଆବେଦନପତ୍ରର ମର୍ମ ଏହି ଯେ ବିଲାତି ଲୁଗା ଉପରେ ଯେଉଁ କଷ୍ଟମ ମାସୁଲ ଭାରତବର୍ଷରେ ଆଦାୟ ହେଉଅଛି ତାହା ଉଠିଯାଉ । ଏ ପ୍ରାର୍ଥନାର ତାତ୍ପର୍ଯ୍ୟ ଏହି ଯେ ବମ୍ବେଇଲୁଗା ଭାରତବର୍ଷ ଜାତ ବୋଲି ତହିଁ ଉପରେ କଷ୍ଟମ ମାସୁଲ ଲାଗଇ ନାହିଁ

Split by PDF Splitter
Digitized by srujanika@gmail.com

Split by PDF Splitter



ବିଳାତି କଳଲୁଗା ଉପରେ ଯେଉଁ ମାସୁଲ ଲାଗିବାରୁ ସୁତରାଂ ତାହାର ଦର ଅଧିକ ପଡ଼ୁଅଛି । ଭାରତବର୍ଷୀୟଙ୍କଠାରୁ ଊଣା ଦରରେ ବିକ୍ରି କରିବା ଅଭିପ୍ରାୟରେ ମାଞ୍ଚେଷ୍ଟରର ମହାଜନମାନେ ଉକ୍ତ ପ୍ରାର୍ଥନା କରିଥିଲେ କିନ୍ତୁ ପ୍ରକାଶ୍ୟରେ ଗବର୍ଣ୍ଣମେଣ୍ଟରେ ଏହି ହେତୁ ଦେଖାଇଥିଲେ ଯେ ବାଣିଜ୍ୟ ଉପରେ ମାସୁଲ ବସାଇବା ସ୍ୱାଧୀନତାର ବିରୁଦ୍ଧ ଓ ଏଥିରେ ଭାରତବର୍ଷୀୟମାନଙ୍କର ଅଧିକ କ୍ଷତି କାରଣ ସେମାନେ ଅଧିକା ମୂଲ୍ୟ ଦେଇ ଲୁଗା କିଣୁଅଛନ୍ତି । ମାସୁଲ ଉଠିଗଲେ ଲୁଗା ଶସ୍ତା ହେବ ଓ ୧୦ ଟା ଲୋକଙ୍କର ତହିଁରେ ପରମ ଉପକାର ହେବ ଗବର୍ଣ୍ଣମେଣ୍ଟ ମାସୁଲ ବସାଇ ଏକପ୍ରକାର ସ୍ୱଦେଶୀୟ ଲୁଗାବେପାର ବନ୍ଦକରିବାର ଉପକ୍ରମ କରିଅଛନ୍ତି ଅତଏବ ଏପରି ମାସୁଲ ଉଠାଇ ଦେବାର ନିତାନ୍ତ ଉଚିତ ଅଟଇ । ମାଞ୍ଚେଷ୍ଟରର ମହାଜନଙ୍କର ଏରୂପ ଯୁକ୍ତିରେ କେହି ଗବର୍ଣ୍ଣମେଣ୍ଟ କର୍ମଚାରୀ ତାହାଙ୍କ ପକ୍ଷ ସମର୍ଥନ କଲେ କଦାଚ ନ ଥିଲ । ଭାଗ୍ୟବଶତଃ ଆମ୍ଭମାନଙ୍କର ବର୍ତ୍ତମାନର ଭାରତର ସେକ୍ରେଟେରି ଲର୍ଡ ସାଲିସବରି ସାହେବ ସେପ୍ରକାର ଲୋକ ନୁହନ୍ତି ସେ ଭାରତବର୍ଷର ବିଶେଷ ଅନୁକୂଳରେ ଥିବାରୁ ସେମାନଙ୍କୁ ଏହିପ୍ରକାର ଉତ୍ତର କଲେ ଯେ ନ୍ୟାୟ ବିବେଚନା କଲେ ଲୁଗା ଉପରେ ମାସୁଲ ନେବା ଉଚିତ ନୁହଇ ଓ ଗବର୍ଣ୍ଣମେଣ୍ଟ ମଧ୍ୟ ଏମନ୍ତ ସୁଦିନ ଦେଖିବାକୁ ଆଶା କରନ୍ତି କି ଯେତେବେଳେ ଭାରତବର୍ଷର ଅନ୍ୟ ଆୟମାନ ଏମନ୍ତ ବୃଦ୍ଧି ହେବ ଯେ ଲୁଗା ଉପରେ ମାସୁଲ ନେବା ଆଉ ପ୍ରୟୋଜନ ହେବ ନାହିଁ । ବର୍ତ୍ତମାନ ସେକାଳ ଉପସ୍ଥିତ ହୋଇ ନାହିଁ ଓ ଅପାମର ଆୟ ଏମନ୍ତ ଅନିଶ୍ଚିତ ଅବସ୍ଥାରେ ରହିଅଛି ଯେ ଗବର୍ଣ୍ଣମେଣ୍ଟ ତାହା ସ୍ଥିର ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ଆୟ ଲାଘବ କରିବାକୁ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି । ତେବେ ଲୁଗାର ମାସୁଲ ପୂର୍ବାପେକ୍ଷା ଅଧିକ କ୍ଲେଶକର ନ ହୋଇ ବରଂ ଊଣା ଅଛି ଓ ଏହାଦ୍ୱାରା ଲୁଗା ଆମଦାନି ଊଣା ନ ହୋଇ ବର୍ଷକୁବର୍ଷ ବୃଦ୍ଧି ହେବାର ଦେଖାଯାଏ । ଅଉ ଭାରତବର୍ଷୀୟ ବେପାରୀମାନଙ୍କ ସହିତ ମାଞ୍ଚେଷ୍ଟରର ବେପାରୀମାନେ ଯେ ମାସୁଲ ଉଠିଗଲେ ସମାନ ଦରରେ ଲୁଗା ବିକ୍ରୟ କରି ପାରିବେ ତାହାର ସମ୍ଭାବନା ଅତ୍ୟଳ୍ପ କାରଣ ଅନେକ ଲୁଗା ପ୍ରସ୍ତୁତ କରିବାର ଦ୍ରବ୍ୟ ଯଥା ଭାରତବର୍ଷରେ ଉତ୍ପନ୍ନ ହୁଅଇ । ପୁଣି ମଜୁରି ଦର ଭାରତବର୍ଷରେ ଊଣା ଓ ପଥର କୋଇଲା ସେଠାରେ ପର୍ଯ୍ୟାପ୍ତ ପରିମାଣରେ ମିଳିବାର ସୁଯୋଗ ହୋଇଅଛି । ଏସବୁ ଉପକରଣ ହେତୁରୁ ଭାରତବର୍ଷର ଲୁଗା ଏମନ୍ତ ସୁଲଭରେ ବିକ୍ରୟ ହେବାର ସମ୍ଭାବନା ଯେ ମାସୁଲ ଉଠିଗଲେ ସୁଦ୍ଧା ବିଦେଶୀୟ ବେପାରୀମାନେ ତାହାଙ୍କ ସହିତ ସମାନ ଦରରେ ବିକ୍ରୟ କରିବାକୁ ସମର୍ଥ ହେବେ ନାହିଁ । ଏହି ପ୍ରକାର ପ୍ରକୃତ ଓ ଶାନ୍ତିନାବାଦ୍ୟ ବାକ୍ୟ ଦ୍ୱାରା ଭାରତର ସେକ୍ରେଟେରି ଯଥାର୍ଥତଃ ମାଞ୍ଚେଷ୍ଟର ମହାଜନଙ୍କର ପ୍ରାର୍ଥନା ଅଗ୍ରାହ୍ୟ କରିଅଛନ୍ତି । ଭବିଷ୍ୟତକୁ ଯାହା ଘଟିବ ତାହା ଈଶ୍ୱରଙ୍କ ଗୋଚର । ଅମ୍ଭେମାନେ ଏଥର ମାଞ୍ଚେଷ୍ଟର ହାତରୁ ଉଦ୍ଧାର ପାଇ ଧନ୍ୟବାଦ ଦେଉଅଛୁଁ । ଏଥର ଅସ୍ମଦେଶୀୟଙ୍କୁ ଏହି ପ୍ରାର୍ଥନା ଯେ କଳଲୁଗାର ପକ୍ଷପାତୀ ନ ହୋଇ ଯହିଁରେ ସ୍ୱଦେଶର ଲୁଗା କାରବାର ବୃଦ୍ଧି ହୁଅଇ ସେପକ୍ଷରେ ମନୋଯୋଗୀ ହେଉନ୍ତୁ କଳଭିନ୍ନ ଲୁଗା କିଣିବାକୁ ଶସ୍ତା ମାତ୍ର ଦେଶୀୟ ଲୁଗାପରି ଟାଣ ନୁହଇ ମୋଟରେ ପ୍ରାୟ ଖର୍ଚ୍ଚ ଅଧିକ ହୁଅଇ ଅଥଚ ସେଖର୍ଚ୍ଚର ଫଳ ବିଦେଶୀ ମହାଜନମାନେ ଭୋଗ କରନ୍ତି । ଯେବେ ଦେଶୀୟ ଲୁଗାର ଖର୍ଚ୍ଚ ବୃଦ୍ଧି ହୁଅଇ ତେବେ କିଛି ଅଧିକା ଖର୍ଚ୍ଚା ପଡ଼ିଲେ ମଧ୍ୟ ତାହା ଏହି ଦେଶର ଉପକାରରେ ଆସିବ ଓ ପରେପରେ ଏଠାରେ ଲୁଗା ପ୍ରସ୍ତୁତ କରିବାର ବ୍ୟବସାୟ ବୃଦ୍ଧି ହେଲେ ମୂଲ୍ୟ ମଧ୍ୟ ଶସ୍ତା ହେବ ।

---

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଟି ଏଲଇ ସାହେବ ବୋର୍ଡରେଭିନ୍ୟୁରେ ଏକ୍ଟିଂ ସେକ୍ରେଟେରି ନିଯୁକ୍ତ ହୋଇଅଛନ୍ତି ।

ଶ୍ରୀଯୁକ୍ତ ଜେ, ବି, ଓରମନସାହେବ ଯେ ସେ ଏଠାରୁ ଏକ୍ଟିଂ ଜଜ ହୋଇ ଆସିଥିଲେ ରାଜସାହିର ଏକ୍ଟିଂ ଜଜ ନିଯୁକ୍ତ ହୋଇ ଅଛନ୍ତି ।

ବେଙ୍ଗାଲ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ନକ୍ସାରୁ ଜଣାଯାଏ ଯେ ଗତ ନୂଆମାସଠାରୁ ନବେମ୍ବର ମାସ ଶେଷ ପର୍ଯ୍ୟନ୍ତ ମା ୨୦୧୦ ଣ ଭୂମି ସକାଶେ ଜିଲାର କବୁଲିୟତି ହୋଇଥିଲା ଏହି ମଧ୍ୟରୁ ଜଙ୍ଗଲପଡ଼ା ଓ ହାଇ ଲେବଲ ନାଲ ଏଲାକାର କବୁଲିୟତି ଅଧିକ ମାତ୍ରଂ ଓ ଛାଲବନ୍ଧା ନାଲର କବୁଲିୟତି ଅତ୍ୟନ୍ତ ଦିଶା ପ୍ରଭୃତି ଜାଗାରେ ଦୁର୍ଭିକ୍ଷର ମାତ୍ରା ଅଧିକ ନୁହଇ ।

ମିଥଲଫ ସାହେବଙ୍କ ମୋକଦ୍ଦମାର ନଥି ବିଲାତକୁ ଚାଲାଣ ହୋଇଅଛି । ଇଂରାଜମାନେ ସ୍ୱଜାତିୟର ରକ୍ଷା ନିମିତ୍ତ କେପର୍ଯ୍ୟନ୍ତ ଯତ୍ନ କରନ୍ତି ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

କଲିକତାର ବଜାର ଭାଉ ବିଜ୍ଞାପନୀରୁ ଜଣାଯାଏ ଯେ କେବଳ ଗହମର ଦାରବାର ବହୁ ଅଧିକ ହୋଇଅଛି ଓ ରପ୍ତାନି ସକାଶେ ସେତା ହେଉଅଛି ଅଉସବୁ ଦ୍ରବ୍ୟର କାରବାର ସାମାନ୍ୟ ରୂପେ ଚଳୁଅଛି ।

ବଙ୍ଗଳାର ସେକ୍ରେଟେରି ଆଜ୍ଞା ଦେଇଅଛନ୍ତି ଯେ ପତିଆଲାର ମହାରାଜା ରେଲୱେ ନିର୍ମାଣ ସକାଶେ ସମସ୍ତ ଖରଚର ୫ ଟଙ୍କା ସୁଧରେ ଯେଉଁ ଦଶଲକ୍ଷ ଟଙ୍କା ଋଣ ଦେଉଅଛନ୍ତି ଓ ଭବିଷ୍ୟତକୁ ଅଉ ଯେତେ ଟଙ୍କା ସେହି ସୁଧରେ ଋଣ ଦେବେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ଗ୍ରହଣ କରିବେ ।

ବାବୁ ରାଜେନ୍ଦ୍ରଲାଲ ମିତ୍ର ଏସିୟାଟିକ ସୋସାଇଟିର ପତ୍ରିକାରେ ଏକ ରଚନା ପ୍ରକାଶକର ତହିଁରେ ସିଦ୍ଧାନ୍ତ କରିଅଛନ୍ତି ଯେ ସଂସ୍କୃତ ଗ୍ରନ୍ଥକାରମାନେ ଯବନ ନାମରେ ଯେଉଁ ଲୋକଙ୍କ ପ୍ରସଙ୍ଗ ଲେଖିଅଛନ୍ତି ସେମାନେ ଗ୍ରୀସଦେଶର ଲୋକ ଅଟନ୍ତି । ଏମନ୍ତ ସଂସ୍ଥାପନର ସେ ଉତ୍ତମ ହେତୁମାନ ଦର୍ଶାଇ ଅଛନ୍ତି ।

ଅତିକାଲି ଯେମନ୍ତ ଏ ଅଞ୍ଚଳରେ ଜ୍ୱରରୋଗରେ ଅନେକ ଲୋକଙ୍କର ମୃତ୍ୟୁ ହେଉଅଛି କଲିକତାରେ ମଧ୍ୟ ସେହିରୂପ ହେବାର ଦେଖାଯାଏ । ଏଠାରେ ନବେମ୍ବର ମାସ ତା ୨୮ ଦିନରେ ଶେଷ ହେବା ସପ୍ତାହରେ ଜ ୩୧୭ ଣ ମରିଥିଲେ ଏଥି ମଧ୍ୟରୁ ଜ ୧୦୪ ଣ ମନୁଷ୍ୟର କେବଳ ଜ୍ୱରରୋଗରେ ମୃତ୍ୟୁ ହୋଇଥିଲା ।

ହିନ୍ଦୁପେଟ୍ରିଅଟର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ମହାମାନ୍ୟ ଲର୍ଡ ନର୍ଥବ୍ରୁକ ବେହାର ଅଞ୍ଚଳରେ ଭ୍ରମଣ କରିବା ସମୟରେ ଗୋଟିଏ ଗ୍ରାମ୍ୟପାଠଶାଳା [illegible] ଓ ପଲ୍ଲୀମାନଙ୍କର ଶିକ୍ଷା ଦେଖି ସନ୍ତୁଷ୍ଟ ହୋଇ ସେମାନଙ୍କୁ ୫୦୦ ଟଙ୍କା ପାରିତୋଷିକ ଦେଲେ । ସେଠି ଲଟସାହେବ ଏଠାରେ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟମାନ ଦେଖିବାଛଳି ଅଉ କଣ ଦେଖିବାକୁ କୌତୁକ ହେଲେ ନାହିଁ କାହିଁକି?

ମୃତ ଲର୍ଡମେୟୋଙ୍କ ଭାଇ କାପ୍ତାନ ବୋର୍କ କମେଟିର ସେରପ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

କଲିକତାରେ ବାବୁ ଶ୍ୟାମଚରଣ ମିଶ୍ର ସେହିପ ନିଯୁକ୍ତ ହୋଇଅଛନ୍ତି । ଏଥର ମାନ୍ଦ୍ରାଜରେ ଜଣେ ଦେଶୀୟ ଲୋକ ହେଲେ ବଡ ଉତ୍ତମ ହେବ ।

ଉତ୍ତରପଶ୍ଚିମାଞ୍ଚଳର ପରୀକ୍ଷାର ପ୍ରଶ୍ନପତ୍ର ଯେଉଁ ବାଳକମାନେ ଚୋରି କରିଥିଲେ ସେମାନେ ଅପରାଧ ସ୍ୱୀକାର କରିବାରୁ ତିଣକେ ମାସ ଲେଖାଏ କାରାବାସ ଦଣ୍ଡ ପାଇଅଛନ୍ତି । ସ୍କୁଲର ଶିକ୍ଷକମାନଙ୍କୁ ଏତେ ଦୋଷ ଦେବାର ଉଚିତ ହୋଇ ନାହିଁ କାରଣ ସେମାନେ ଏକମାସ ହାଜତରେ ଥିଲେ ।

ହିନ୍ଦୁ ପେଟ୍ରିଅଟ ଲେଖିଅଛନ୍ତି ଯେ ବରବାସୀ ସୃଭିଲ (ଦୁର୍ଭିକ୍ଷ ସାହାଯ୍ୟର ଅଫିସ) ପ୍ରଥମେ ମହଣ ୫ ୧୫ ଲେଖାଏଁ ଓ ତହିଁ ଉତ୍ତାରୁ ୫ ୧୨ ଲେଖାଏ ବିକ୍ରୀ ହୋଇଅଛି । ଏଥିପାଇଁ କଲିକତାରେ ଚାଉଳ ଶସ୍ତା ହୋଇଅଛି । ପାଟଣାରେ ମହଣ ୫୨ ଲେଖାଏ ବିକ୍ରୟ ହେଉଅଛି ।

କଲିକତାରେ ଏହି ମାସରେ ଯେଉଁ ଶିଳ୍ପ-ବିଦ୍ୟାର ପ୍ରଦର୍ଶନ ହୋଇଥିଲା ତହିଁରେ ପ୍ରାୟ ସ ୫୦୦ ଶ ଟିକେଟ ଉପସ୍ଥିତ ହୋଇଥିଲା । ତହିଁମଧ୍ୟରେ ଅନେକ ଗୁଡିଏ ଦେଶୀୟଲୋକ-ଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା । ମହାମାନ୍ୟ ଗବର୍ଣ୍ଣର ଜେନରଲ ଓ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଦେଶୀୟ ଶିଳ୍ପକାରଙ୍କର ବିଶେଷ ପ୍ରଶଂସା କରିଅଛନ୍ତି ଓ ଲେଫ୍‌ଟନେଣ୍ଟ ଗବର୍ଣ୍ଣର କହିଲେ ଯେ ମୁଁ ଚାହେଁ ରେଳବାରେ ଏ ଦେଶୀୟଲୋକେ ଯେମନ୍ତ ବୁଦ୍ଧିପତି ଲାଭ କରିଅଛନ୍ତି କିରି ଚୋରି ଚାହିଁ କରିବାରେ ସେହିପ ହୋଇ ନାହାନ୍ତି ଏଥିରେ ଅଧିକ ମନୋଯୋଗୀ ହେବାର ଉଚିତ ।

କଥିତ ହୁଅଇଯେ ହୋଲକାର ମହାରାଜାଙ୍କ ନୂଆଭିଲରେ ପ୍ରସ୍ତୁତ ହୋଇଥିବା କେତେକ ଲୁଗାର ନମୁନା ବିଲାତର ସେକ୍ରେଟେରୀଙ୍କ ନିକଟକୁ ପ୍ରେରିତ ହେବାରେ ସେ ତାହା ଦେଖି ଅନନ୍ଦିତ ହୋଇଅଛନ୍ତି ।

ଲିଭ୍ରେନ୍ସ ଟ୍ରେବ ବମ୍ବେରଦରୁ ଲେଖାଅଛି ଯେ ଲର୍ଡ୍‌ହେଷ୍ଟିଂସଙ୍କ ଭାଣ୍ଡର ଅଦ୍ୟ ଷାଠିଏଲକ୍ଷ ଟଙ୍କା ଅଟଇ । ତାଳିକରେ ଏକାଦିଗ ଧନଶାଳୀ ବ୍ୟକ୍ତି ଅଛନ୍ତି ସେଠାର ଉନ୍ନତି ବାହିଁକି ନ ହେବ ।

କହିଲି ହୁଅଇ ଯେ ବେହାରକଲରେ ଜଣେ ମୁସଲମାନ ଗାଡି ପ୍ରସ୍ତୁତ କରି ଯୋଗାଇବା ଦ୍ୱାରା ଏକ ଦୁର୍ଭିକ୍ଷରେ ଅନେକଲକ୍ଷ ଟଙ୍କା ଉପାର୍ଜନ କରିଅଛି । ଅନ୍ୟ ଦେଶୀୟ ଲୋକମାନେ ମଧ୍ୟ ଅନେକଟଙ୍କା ଲାଭ କରିଅଛନ୍ତି । ଦୁର୍ଭିକ୍ଷ କାହାରି ସର୍ବନାଶ କାହାର ପକ୍ଷରେ ପୁଷମାସ ହୋଇଥିଲା ।

ମାନ୍ଦ୍ରାଜରେ ବର୍ଷାଛି ଫସଲ ଉପରେ ମାଲ ଜଳକର ଯାହା ଅଦାୟ ହେଉଥିଲା ସ୍ଥାନୀୟ କର୍ମଚାରୀଙ୍କ ଅନୁରୋଧକ୍ରମେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ଉଠାଇ ଦେଇଅଛନ୍ତି । ଏଥିରୁ ଏଠା ପାଠକମାନେ ଜାଣିପାରିବେ ଯେ ଗବର୍ଣ୍ଣମେଣ୍ଟ ଜଳକରର ସପକ୍ଷ ନୁହନ୍ତି ।

ମାନ୍ଦ୍ରାଜରେ କେତେଗୁଡିଏ ବୃଦ୍ଧବଦ୍ୟ ବ୍ରାହ୍ମଣ ସେଠା ବ୍ରାହ୍ମଣଙ୍କ ମଧ୍ୟରେ ଶ୍ରେଣୀଭେଦ ଉଠାଇ ଦେବାକୁ ଚେଷ୍ଟା କରିଅଛନ୍ତି । ସେଠା ବ୍ରାହ୍ମଣମାନେ ବର୍ତ୍ତମାନ ଛଅ ପୃଥକ୍ ଶ୍ରେଣୀଭୁକ୍ତ ଅଛନ୍ତି ଯେ ଏହାଙ୍କ ମଧ୍ୟରେ ଆହାର ବ୍ୟବହାର ଚଳଇ ନାହିଁ । ଏପ୍ରକାର ଶ୍ରେଣୀଭେଦ ଭାରତବର୍ଷର ଉନ୍ନତିର କଣ୍ଟକ ଅଟଇ ଅମ୍ଭେମାନେ ଆଶାକରୁଁ ଯେ ଭାରତବର୍ଷର ସମସ୍ତ ସ୍ଥାନର ବ୍ରାହ୍ମଣ ଶୂଦ୍ରପ୍ରଭୃତି ସମସ୍ତ ଶ୍ରେଣୀ ସହିତ ଆହାର ବ୍ୟବହାର କରନ୍ତୁ ତାହାହେଲେ ଅନେକ ଉନ୍ନତି ହେବାର ସମ୍ଭାବନା ।

୧ । ଏଡ୍‌ୱୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ପଞ୍ଜାବଗବର୍ଣ୍ଣମେଣ୍ଟ ଏରୂପ ବିଜ୍ଞାପନ ଦେଇଅଛନ୍ତି କି ଶିକ୍ଷାବିଭାଗର କୌଣସି ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ କେହି ୫ ୨୦ ଙ୍କାରୁ ଅଧିକ ବେତନର କାର୍ଯ୍ୟରେ ନିଯୁକ୍ତ ହୋଇ ପାରିବ ନାହିଁ ।

୨ । ଶ୍ୟାମନଗର (ମୂଲୋଯୋଡ଼) ଷ୍ଟେସନ ନିକଟରେ ଗୋଟିଏ ଚୁଲାକଲ ଶୀଘ୍ର ସ୍ଥାପିତ ହେବ ବା ହୋଇଅଛି । କେତେକ ଜଣ ବଡ଼ ଇଂରାଜ ମିଳି ଗୋଟିଏ କୁମ୍ପାନୀ ହୋଇଅଛନ୍ତି, ଏହି କୁମ୍ପାନୀର ମୂଳଧନ ଦଶଲକ୍ଷ ଟଙ୍କା ଓ ଏଥିର ଏକ ଅଂଶର ଦାମ ୫ ୧୦୦ ଙ୍କା । ଏହି କଲରେ ୧୨୫୦୦ ଚରଖୀଦ୍ୱାର ସୂତା ପ୍ରସ୍ତୁତ ହେବ । ଏହି କଲଘାର ବଡ଼-ଦେଶର ବସ୍ତ୍ରର ଲାଭ ହେବ । ଯେବେ ଏପରି ଅନ୍ୟ ବର୍ତ୍ତି ଗୋଟିଏ କଲ ଏ ଦେଶରେ ସ୍ଥାପିତ ହୁଏ ତେବେ ବିଲାତି ଲୁଗାର ଅମଦାନୀ ଏକାବେଳେ ବନ୍ଦ ହେବ ଏବଂ ଏ ଦେଶର ଧନବୃଦ୍ଧି ମଧ୍ୟ ହେବ ।

୩ । ଇଣ୍ଡିଆନ ମେଡିକେଲ ଗେଜେଟରେ ଲିଖିତ ହୋଇଅଛି ଅଭିଜ୍ଞ ସର୍ଜନ ବାବୁ ଦ୍ୱାରକାନାଥ ଗୁପ୍ତ କହିଲି ବଂଶନର ଗୋଟିଏ ଅମୋଘ ଔଷଧର ଆବିଷ୍କାର କରିଅଛନ୍ତି । ସେ ପ୍ରଥମେ ବହିଲି ବଂଶନରେ ଅନେକ ପ୍ରକାର ଔଷଧ ପ୍ରୟୋଗ କରି କୃତକାର୍ଯ୍ୟ ନୋହିବାରୁ ପରଶେଷରେ "ନାଇଟ୍ରିକ ଏସିଡ" ପ୍ରୟୋଗ କରି ଦେଖିଲେ ଏଥିରେ ଅଣ୍ଡ ଆରୋଗ୍ୟଲାଭ ହୁଏ । ସେ ଏହାଦ୍ୱାରା ପ୍ରାୟ ଏକ ଶତ ବ୍ୟକ୍ତିଙ୍କୁ ଆରୋଗ୍ୟ କରିଅଛନ୍ତି । ସେ କହନ୍ତି ନାଇଟ୍ରିକ୍ଏସିଡର ବିଷ ନାଶ କରିବାର କ୍ଷମତା ଅଛି । ବୋଧ ହୁଏ ସର୍ପବିଷରେ ପରୀକ୍ଷା କରି ଦେଖିଲେ କାର୍ଯ୍ୟ ହୋଇ ପାରେ ।

୪ । ଆକାଶରେ ଫୁଲ ଫୁଟେ ଏକଥା ସମସ୍ତେ ମିଥ୍ୟା ବୋଲି ବିଶ୍ୱାସ କରନ୍ତି । ଆକାଶରେ ମେଘ ବିଜୁଳି ହୁଏ, ବଜ୍ର ପଡେ, ଏ କଥାହିଁ ସତ୍ୟ । କିନ୍ତୁ ଅଚିରାତ୍ ଆକାଶରେ ମଧ୍ୟ ଅନେକ ବ୍ୟାପାର ହେଉଅଛି । ସମ୍ପ୍ରତି ଆମେରିକା ଦେଶରେ ଲଙ୍କସିଟି ନଗରରେ ଆକାଶ ଉପରେ ବେଲୁନଯନ୍ତ୍ର ମଧ୍ୟରେ ଗୋଟିଏ ବିବାହ କାର୍ଯ୍ୟ ସୁସମ୍ପନ୍ନ ହୋଇଅଛି ସାହେବ ବିବି ସୁଖରେ ରହନ୍ତୁ ଅମ୍ଭେମାନେ ଏହି ପ୍ରାର୍ଥନା କରୁଅଛୁଁ ।

୫ । ଏଲାହାବାଦ ମିଉନିସିପାଲିଟୀ ଏକ୍ଷଣ ଏପରି ନିୟମ ପ୍ରଚାର କରିଅଛନ୍ତି ଯେ ଯେଉଁ ସମସ୍ତ ବ୍ୟକ୍ତି ଏଲାହାବାଦର ସିଭିଲ ସର୍ଜନ ହେବାକୁ କୌଣସି ପ୍ରକାର ଅନୁମତିପତ୍ର ପ୍ରାପ୍ତ ନ ହେବେ, ସେମାନେ ସେଠାରେ ଚିକିତ୍ସା ଅଥବା ଔଷଧାଳୟ ସ୍ଥାପନ କରି ପାରିବେ ।

---

ବିଜ୍ଞାପନ ।

ପ୍ରସିଦ୍ଧ କବି ଉପେନ୍ଦ୍ରଭଞ୍ଜକୃତ ବୃନ୍ଦାବନ-ଶଣୀ ନାମକ ପୁସ୍ତକ ଟୀକାସଂଯୋଜିତ ହୋଇ ଯନ୍ତ୍ରାରୂଢ ଅଛି । ଗ୍ରାହକଗଣ ଅଳ୍ପଦିନରେ ପ୍ରାପ୍ତ ହୋଇ ପାରିବେ । ଇତି ।

୨୪।୨।୭୪ ଶ୍ରୀ ଗୁଣବନ୍ତ ଖାଁ ।

---

ମୂଲ୍ୟପ୍ରାପ୍ତି ।

ଶ୍ରୀ ଅମୀର ଖାନ ଅନୁଗୋଳ କଞ୍ଚିଆ ୫ ୨୦

ଶ୍ରୀ ସୁନ୍ଦା ଚନ୍ଦ୍ର ଅଠଗଡ " ୫ ୬୦

ଶ୍ରୀ ମଧୁସୂଦନ ପାଡ଼ୀ ଅଗୀନ ୫୬୦

---

ଶ୍ରୀଶ୍ରୀ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀ ବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com